## ସଂକ୍ଷେପରେ

### ଶିକ୍ଷାବିତ୍ ତାରାପ୍ରସାଦ ମହାପାତ୍ରଙ୍କ ପରଲୋକ



ବ୍ରହ୍ମପୁର ଅଫିସ,୨୦।୧: ବରିଷ୍ଠ ଶିକ୍ଷାବିତ୍ ତଥା ସ୍ୱର୍ଗତ ପଣ୍ଡିତ ବାଇକୋଳି ମହାପାତ୍ର(ଜ୍ୟୋତିଷ ବିଶାରଦ)ଙ୍କ ପୁତ୍ର ତାରାପ୍ରସାଦ ମହାପାତ୍ରଙ୍କ(୮୫)ର ସୋମବାର ପରଲୋକ ଘଟିଛି। ସ୍ୱର୍ଗତ ମହାପାତ୍ର ଖଲ୍ଲିକୋଟର ରାମଚନ୍ଦ୍ର ବିଜ୍ଞାନ ମହାବିଦ୍ୟାଳୟ, ବ୍ରହ୍ମପୁର ସିଟି କଲେଜ, ବୀରମିତ୍ରପୁର ମହାବିଦ୍ୟାଳୟ ଏବଂ ଗୁଣପୁର ମହାବିଦ୍ୟାଳୟରେ ଅଧକ୍ଷ ଭାବେ କାର୍ଯ୍ୟ କରିଥିଲେ। ଖଲ୍ଲିକୋଟ ନିବାସୀ ସ୍ୱର୍ଗତ ତାରାପ୍ରସାଦଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଖବର ପାଇ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଗଜପତିନଗର ୩ୟ ଲାଇନରେ ଥିବା ତାଙ୍କ ବାସଭବନରେ ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ଖଲ୍ଲିକୋଟ ଆରସିଏମ୍ ବିଜ୍ଞାନ କଲେଜ ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ବଡଦାଣ୍ଡ ସାହିରେ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏ ଅବସରରେ ତାଙ୍କ ପୁତ୍ର ସୁଧାଂଶୁ ମୋହନ ମହାପାତ୍ର, ଜଗନ ମୋହନ ମହାପାତ୍ର, ଅଖିଳ ମୋହନ ମହାପାତ୍ର, ନିଖିଳ ମୋହନ ମହାପାତ୍ର, ପ୍ରୀତିମୋହନ ମହାପାତ୍ରଙ୍କ ସମେତ ଝିଅ ନମିତା ଦାଶ, ଜ୍ୱାଇଁ ରବୀନ୍ଦ୍ର କୁମାର ଦାଶ, ଲୋକସେବକ ମଣ୍ଡଳ ଆଜୀବନ କର୍ମୀ ରାଜେନ୍ଦ୍ର କୁମାର ଜେନା, ରାଜେଶ କୁମାର ସାହୁ, ସୁବ୍ରତ କୁମାର ସାହୁ ଓ ଗୌରୀ ଶଙ୍କର ମିଶ୍ରଙ୍କ ସମେତ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ।

### ତେଲଗା ଦୋରା ସମାଜ ବାର୍ଷିକୋତ୍ସବ

ବ୍ରହ୍ମପୁର ଅଫିସ,୨୦।୧: ବ୍ରହ୍ମପୁର ତେଲଗା ଦୋରା ସମାଜ ବାର୍ଷିକୋତ୍ସବ ଓ ବନ୍ଧୁମିଳନ ଗେଟବଜାରସ୍ଥ ଏକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ୟୁ.ରଘୁନାଥ ଦୋରା ଏଥିରେ ଅଧକ୍ଷତା କରିଥିବା ବେଳେ ସମାଜ କେନ୍ଦ୍ରୀୟ ସଭାପତି ଇ.ମଦନ ଗୋପାଳ ଦୋରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଇ. ମାଧବ ରାଓ ମୁଖ୍ୟବକ୍ତା ଥିଲେ। ଏ. ଦୁର୍ଗେଶୁ, ଜି. ଗୋପାଳ ରାଓ ଦୋରା, କେନ୍ଦ୍ରୀୟ ମହିଳା ସଭାନେତ୍ରୀ ଇ.ମାହେଶ୍ୱରୀ ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ସମାଜର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ କିଭଳି କରାଯିବ ସେନେଇ ଅତିଥିମାନେ ମତ ରଖିଥିଲେ।

ଆଗାମୀ ଦିନରେ କୁଳର ବହୁମୁଖୀ ବିକାଶ ସାଙ୍ଗକୁ ବ୍ରହ୍ମପୁରରେ ସ୍ୱଚ୍ଛ ପରିବେଶ, ବ୍ୟାପକ ଚାରାରୋପଣ, ପଲିଥିନ ବର୍ଜନ ପାଇଁ ସଚେତନତା, ନାରୀ ସୁରକ୍ଷା, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ମଧୁମେହ ରୋଗ ପରୀକ୍ଷା ଶିବିର ଆଦି ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବାର ନିଷ୍ପତ୍ତି ନିଆଯାଇଥିଲା। ସମାଜର ୨୦୨୦ ବର୍ଷର କ୍ୟାଲେଣ୍ଡର ଲୋକାର୍ପିତ ହୋଇଥିଲା। ସମାଜର ବହୁ ସଂଖ୍ୟକ ସଦସ୍ୟ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। କୁଳ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ଏହି ଅବସରରେ ୨୦୧୯ ବର୍ଷରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ଆଇ.ବିନୟ କୁମାର, ଡ଼ି.ହରିକୃଷ୍ଣ ଦୋରା, ଆର.ଶୁଭମ୍ ରାଓ ଦୋରା, ଜି. ଶୈଳଜା, ଡି.ଭବାନୀ ରାଓଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ମାନପତ୍ର ପ୍ରଦାନ ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସମ୍ପାଦକ ଡି.ଆପ୍ପାରାଓ ଧନ୍ୟବାଦ ଦେଇଥିଲେ।

ଆଜି କ'ଣ କେଉଁଠି ପ୍ରସ୍ତମ୍ଭରେ
ଆପଣଙ୍କ ଅଞ୍ଚଳର କୌଣସି
କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ
ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ
ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ
ଯୋଗାଯୋଗ କରନ୍ତୁ।

# ସୁପର ସ୍ପେଶିଆଲିଟି ବ୍ଲକ କାର୍ଯ୍ୟକ୍ଷମ ନେଇ ଅନିଶ୍ଚିତତା

ବ୍ରହ୍ମପୁର ଅଫିସ,୨୦।୧

ଗଞ୍ଜାମ ଜିଲା ବ୍ରହ୍ମପୁର ସହରରେ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି)ମେଡିକାଲ କଲେଜର ଭିତ୍ତିଭୂମିର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରାଯାଇଛି। ଏପରିକି ଦକ୍ଷିଣ ଓଡ଼ିଶାର ଏକମାତ୍ର ନିର୍ଭରଯୋଗ୍ୟ ଏହି ମେଡିକାଲକୁ ଉନ୍ନତମାନର ଚିକିତ୍ସାଳୟ କରିବା ପାଇଁ ୧୫୦ କୋଟି ଟଙ୍କା ବିନିମୟରେ ସୁପର ସ୍ପେଶିଆଲିଟି ବ୍ଲକ ନିର୍ମାଣ ପରିକଳ୍ପନା କରାଯାଇଥିଲା। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୩୦ କୋଟି ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୧୨୦ କୋଟି ଖର୍ଚ୍ଚରେ ଏହି ବ୍ଲକ ନିର୍ମାଣ କାମ ଏବେ ପ୍ରାୟତଃ ଶେଷ ହୋଇଛି। ଅନ୍ୟପଟେ ନିକଟରେ ଏମ୍‌କେସିଜି ମେଡିକାଲରେ ଅନେକ ନୂତନ କୋଠା କାର୍ଯ୍ୟକ୍ଷମ ହୋଇଛି। ସେଗୁଡିକ ମଧ୍ୟରୁ ପିଏମ୍ଆର କୋଠା, ରେଡ଼ିଓଲୋଜି ଡାଇଗ୍ନୋଷ୍ଟିକ କୋଠା, ୭ ମହଲା ପ୍ରସୂତି କୋଠା ସହିତ ଅନେକ ହଷ୍ଟେଲ ରହିଛି। ଅନ୍ୟପଟେ ସର୍ଜରୀ, ଅସ୍ଥିଶଲ୍ୟ ବିଭାଗ ମଧ୍ୟ ନୂତନ କୋଠାକୁ ସ୍ଥାନାନ୍ତର କରାଯାଇଛି। ଏମ୍‌କେସିଜି ମେଡିକାଲ କଲେଜ ଉପରେ ଦକ୍ଷିଣ ଓଡ଼ିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶ, ଖୋର୍ଦ୍ଧା ଓ ପୁରୀ ଜିଲାର ରୋଗୀମାନେ ନିର୍ଭର କରିଥାନ୍ତି। ଏଠାରେ ରୋଗୀଙ୍କୁ ଉନ୍ନତମାନର ଅତ୍ୟାଧୁନିକ ଚିକିତ୍ସାସେବା ଯୋଗାଇ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା (ପିଏମ୍ଏସ୍ଏସ୍ୱାଇ)ରେ ସୁପର ସ୍ପେଶିଆଲିଟି ବ୍ଲକ ନିର୍ମାଣ କରାଯାଇଛି। ଦୀର୍ଘଦିନ ହେଲା ଏହି ବ୍ଲକ ନିର୍ମାଣ କାମ ସମାପ୍ତ ହୋଇଥିଲେ ସୁଦ୍ଧା ଏହା ଏବେବି କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସେପଟେ ବିଦ୍ୟୁତ୍ ସଂଯୋଗ ହୋଇପାରୁ ନ ଥିବାରୁ ତାହା ଏବେ ରୋଗୀ ସେବାରେ ଲାଗିପାରୁନାହିଁ। ଗତ ନଭେମ୍ବର ୨୮ରେ ବଡ଼ମେଡିକଲ ସଂଯୋଜକ ପ୍ରଦୀପ ମହାପାତ୍ର ବ୍ରହ୍ମପୁର ଗସ୍ତରେ ଆସି ଏମ୍‌କେସିଜି ମେଡିକାଲ ପରିଦର୍ଶନ କରିଥିଲେ। ସେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ଡ଼ିସେମ୍ବର ୧୫ ସୁଦ୍ଧା ସୁପର ସ୍ପେଶିଆଲିଟି ବ୍ଲକକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବ ବୋଲି ସମୟ ଧାର୍ଯ୍ୟ କରିଥିଲେ। ରୋଗୀମାନଙ୍କ ସୁବିଧା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାମ ଶେଷ କରିବା ପାଇଁ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ସଂଯୋଜକ ଧାର୍ଯ୍ୟ କରିଥିବା ସମୟକୁ ଏବେ ମାସକରୁ ଅଧିକ ସମୟ ବିତିଗଲାଣି। ସେଠାରେ ବିଦ୍ୟୁତ୍ ସଂଯୋଗ ହୋଇପାରିଲା ନା ଉକ୍ତ ବ୍ଲକ ରୋଗୀଙ୍କ ସେବାରେ ଲାଗିଲା। ସଂଯୋଜକଙ୍କ ପ୍ରତିଶ୍ରୁତି ଏବେ ଧୂଆଁବାଣ ପାଲଟିଛି। ଏହି ଅତ୍ୟାଧୁନିକ ବ୍ଲକ କେବେ କାର୍ଯ୍ୟକ୍ଷମ ହେବ ସେନେଇ ଅନିଶ୍ଚିତତା ଲାଗି ରହିଛି। ଏମ୍‌କେସିଜି ମେଡିକାଲରେ ଏବେ ମାଳମାଳ ଅଟ୍ଟାଳିକା ତିଆରି ହୋଇଛି। ରୋଗୀ ଏହା ଦ୍ୱାରା ଉପକୃତ ହେଉଛନ୍ତି। ଅନ୍ୟପଟେ ଦୀର୍ଘଦିନ ହେଲା ନିର୍ମାଣ ସରିଥିବା ସୁପର ସ୍ପେଶିଆଲିଟି ବ୍ଲକ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ପିଏମ୍ଏସ୍ଏସ୍ୱାଇରେ ନିର୍ମାଣ ହୋଇଥିବା ବ୍ଲକରେ ୧୮୮ଶଯ୍ୟା ବ୍ୟବସ୍ଥା କରାଯାଇଥିବା ବେଳେ ୬୬ ଆଇସିୟୁ ଶଯ୍ୟା, ୧୦ ଡାଏଲିସିସ୍ ଶଯ୍ୟା, ୬ ଅତ୍ୟାଧୁନିକ ଅସ୍ତ୍ରୋପଚାର କକ୍ଷ (ଓଟି) ବ୍ୟବସ୍ଥା କରାଯାଇଛି। ଏହି ବ୍ଲକରେ ପ୍ଲାଷ୍ଟିକ ସର୍ଜରୀ, ନ୍ୟୁରୋଲୋଜି, କାର୍ଡିଓଲୋଜି, ନେଫ୍ରୋଲୋଜି ଓ ଏଣ୍ଡୋକ୍ରାନୋଲୋଜି ବିଭାଗ ରହିବ।

ସୂଚନାଯୋଗ୍ୟ ଏଭଳି ବିଭାଗରୁ ସେବା ପାଇବା ପାଇଁ ରୋଗୀମାନେ ବିଭିନ୍ନ କ୍ଲିନିକ ଏବଂ ବିଶାଖାପାଟଣାର ଘରୋଇ ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ଏମ୍‌କେସିଜି ମେଡିକାଲରେ ନିର୍ମାଣ ହୋଇଥିବା ସୁପର ସ୍ପେଶିଆଲିଟି ଗୃହ କାର୍ଯ୍ୟକ୍ଷମ ହେଲେ ରୋଗୀମାନେ ଉତ୍ତମ ସେବା ପାଇବା ସହ ଉପକୃତ ହେବେ। ଏ ନେଇ ଏମ୍‌କେସିଜି ମେଡିକାଲ ପ୍ରିନ୍ସିପାଲ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ କୁହନ୍ତି, ଏବେ ସୁପର ସ୍ପେଶିଆଲିଟିରେ ବିଭିନ୍ନ ପ୍ରକାର ଯନ୍ତ୍ରପାତି ଖଞ୍ଜାଯାଉଛି। ଚଳିତମାସ ଶେଷ ସୁଦ୍ଧା ଏହି କାମ ଶେଷ କରିବା ପାଇଁ ଠିକା ସଂସ୍ଥାକୁ କୁହାଯାଇଛି। ଚଳିତ ମାସ ଶେଷ ସୁଦ୍ଧା ଏହି କୋଠାକୁ କାର୍ଯ୍ୟକ୍ଷମ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି।

**ବ୍ରହ୍ମପୁର ବଡ଼ ମେଡିକାଲ**




■ଗଡୁଛି ସମୟ, ହୋଇପାରୁନି ଉଦ୍‌ଘାଟନ
■ସଂଯୋଜକଙ୍କ ପ୍ରତିଶ୍ରୁତି ଧୂଆଁବାଣ

# ଆକ୍ରମଣ ମାମଲାରେ ୨ ଜଣଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୨୦।୧

ଏକ ଆକ୍ରମଣ ମାମଲାର ୨ ଅଭିଯୁକ୍ତଙ୍କୁ ଏସ୍‌ଡ଼ିଜେଏମ୍ ସରୋଜିନୀ ସାହୁ ସୋମବାର ଜାମିନ ପ୍ରଦାନ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଟିର ରିଣ୍ଟୁ ଦାସ ଓ ଖୁଦୁରୁ ଦାସ। ଗାଁରେ ଗଣ୍ଡଗୋଳ ନ କରିବା, ସାକ୍ଷୀଙ୍କୁ ଧମକମକ ନ ଦେବା ଓ ପୋଲିସକୁ ସହଯୋଗ କରିବା ନେଇ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ଘଟଣାରୁ ପ୍ରକାଶ, ଗତ ସପ୍ତାହେ ତଳେ ମଦ ପିଇବାକୁ କେନ୍ଦ୍ରକରି ଗୁରୁଣ୍ଟି ମଦ ଦୋକାନ ନିକଟରେ ଶିବ ସେଠୀଙ୍କୁ ଆକ୍ରମଣ ହୋଇଥିଲା। ପୋଲିସ ମାମଲା ନମ୍ବର ୧୪/୨୦ରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ପାଇଁ ଓକିଲ କରୁଣାକର ପାଣିଗ୍ରାହୀ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡ଼ିଜେଏମ୍ ସୋମବାର ଜାମିନ ପ୍ରଦାନ କରିଛନ୍ତି ବୋଲି ଓକିଲ ପାଣିଗ୍ରାହୀ କହିଛନ୍ତି।

# ଜନ୍ମଦିନରେ ରକ୍ତଦାନ: ୩୫୦ ୟୁନିଟ ରକ୍ତ ସଂଗ୍ରହ

ବ୍ରହ୍ମପୁର ଅଫିସ, ୨୦।୧

ପୂର୍ବତନ କର୍ପୋରେଟର ତଥା ମହାନଗର ବିଜେଡି ଉପ ସଭାପତି ଆର. ମୁରଲୀ ମୋହନଙ୍କ ଜନ୍ମ ଦିନକୁ ନିଆରା ଢଙ୍ଗରେ ରବିବାର ପାଳନ କରିଛନ୍ତି ରାଧାକୃଷ୍ଣ ବଣିକ ସଂଘ। ଅଞ୍ଚଳବାସୀ, ସଂଘ କର୍ମକର୍ତ୍ତାମାନେ ରକ୍ତଦାନ ମାଧ୍ୟମରେ ମୁରଲୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଜୀବନବିନ୍ଦୁ ଓ ରେଡକ୍ରସ୍ ରକ୍ତ ଭଣ୍ଡାର ମିଳିତ ଆନୁକୂଲ୍ୟରେ ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ମେଗା ରକ୍ତ ଦାନ ଶିବିରକୁ ପୂର୍ବତନ ବିଧାୟକ ଡା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଡିଏ ଅଧକ୍ଷ ସୁବାସ ଚନ୍ଦ୍ର ମହାରଣା, ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପତି, ପୂର୍ବତନ ଭାରୋତ୍ତୋଳକ ରବି କୁମାର, ମେୟର କେ.ମାଧବୀ, ସାମାଜିକକର୍ମୀ ଅରକ୍ଷିତ ଜେନା, ମୁରଲୀ ମୋହନଙ୍କ ମା' ଆର. ସାବିତ୍ରୀ, ଜିଲା ମହିଳା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳାଇ, ବିଜେଡି ନେତା ବନମାଳୀ ସେଠୀ, ସୁଧୀର ରାଉତ, ଜଗନ୍ନାଥ ସାବତ, ଅନିଲ ନାୟକ, ଆପ୍ପା ରାଓ,ରାଜେଶ୍ୱର ବେହେରା, ମମତା ବିଷୋୟୀ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରୁ ୩୫୦ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।



ରକ୍ତଦାନ କରୁଛନ୍ତି ଆର. ମୁରଲୀ ମୋହନ।

# ୩ ଅଭିଯୁକ୍ତ ଗିରଫ,ବାଇକ୍, ଲୁହାରଡ୍ ଜବତ

ବ୍ରହ୍ମପୁର ଅଫିସ,୨୦।୧

**ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ହତ୍ୟା ଉଦ୍ୟମ ଘଟଣା**

ଏକ ହୋଟେଲ ଭିତରେ ପଶି ଦୀପକ ପ୍ରସାଦ ସାହୁଙ୍କୁ ହତ୍ୟା ଉଦ୍ୟମ କରାଯାଇଥିବା ଘଟଣାରେ ଟାଉନ ଥାନା ପୋଲିସ ସୋମବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ବଡବଜାର ଥାନା ଅନ୍ତର୍ଗତ ଗୌଡ଼ସାହିର ଶ୍ରୀକାନ୍ତ ଗୌଡ଼ (୧୯), ମନୋଜ କୁମାର ସାହୁ (୨୦) ଓ ଶ୍ରୀକାନ୍ତ ସାହୁ (୨୧) ବୋଲି ପୋଲିସ କହିଛି। ପୂର୍ବ ଶତ୍ରୁତାରୁ ଅଭିଯୁକ୍ତମାନେ ଦୀପକଙ୍କୁ ଆକ୍ରମଣ କରିଥିଲେ। ପୋଲିସ ସେମାନଙ୍କଠାରୁ ଘଟଣାବେଳେ ବ୍ୟବହୃତ ଲୁହାରଡ୍ ଓ ବାଇକ୍ ଜବତ କରିଥିବା କହିଛି। ମାମଲା ନମ୍ବର ୧୧/୨୦ରେ ୩ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ପ୍ରକାଶଯେ, ବିନୋଦ କୁମାର ସାହୁ ରାମଲିଙ୍ଗମ୍ ରୋଡ ହନୁମାନ ମୂର୍ତ୍ତି ନିକଟରେ ଏକ ଜଳଖିଆ ଦୋକାନ କରିଛନ୍ତି। ରବିବାର ତାଙ୍କ ପୁଅ ଦୀପକ ହୋଟେଲରେ ବସିଥିବା ବେଳେ ରାତି ପ୍ରାୟ ସାଢେ ୯ଟାରେ ଉପରୋକ୍ତ ଅଭିଯୁକ୍ତମାନେ ସେଠାରେ ପହଞ୍ଚି ଦୀପକଙ୍କ ସହ ପ୍ରଥମେ ଝଗଡା କରିଥିଲେ। ପରେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ତାଙ୍କର ମୁଣ୍ଡ ଫାଟିଯାଇଥିଲା। ହୋଟେଲ ଭିତରେ ବିନୋଦଙ୍କ ସ୍ତ୍ରୀ ଥିବା ବେଳେ ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ଯୁବକମାନେ ଟଣାଓଟରା କରିଥିଲେ। ପରେ ହୋଟେଲ ମାଲିକଙ୍କ ସ୍ତ୍ରୀ ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ।

# ଆଜି ହେବ କ୍ୟାରିୟର କାଉନ୍‌ସେଲିଂ ମିଟିଂ

ବ୍ରହ୍ମପୁର ଅଫିସ,୨୦।୧

**ଖଲ୍ଲିକୋଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**
■ନିର୍ଦ୍ଦେଶକଙ୍କ ଗସ୍ତର ପ୍ରଭାବ
■ପୁନର୍ବାର ବିଭାଗର ଚିଠି ପରେ ଚେତିଲେ କର୍ତ୍ତୃପକ୍ଷ

ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନ୍‌ସିଲ ଗଠନ ଓ କାର୍ଯ୍ୟକ୍ରମ ସମ୍ପର୍କିତ ରିପୋର୍ଟ ପ୍ରଦାନ ପୁନର୍ବାର ଚିଠି ଆସିଥିବା ଜଣାପଡିଛି । ମଙ୍ଗଳବାର ଏ ନେଇ କ୍ୟାରିଅର କାଉନ୍‌ସେଲିଂ ବୈଠକ ବସିବ ବୋଲି ଜଣାପଡିଛି । ଗତ ଗୁରୁବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁନ୍ଦର ଲାଲ ସିଲ ଓ ଉପ ନିର୍ଦ୍ଦେଶକ ଭାଗୀରଥି କାଣ୍ଡି ପହଞ୍ଚି ମହାବିଦ୍ୟାଳୟର ବିଭିନ୍ନ ଅନିୟମିତତା ଉପରେ ଯାଞ୍ଚ କରିବ ଫେରିଛନ୍ତି । ଏହାପରେ ଶୁକ୍ରବାର ତଥା ଗତ ୧୭ରେ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଡେପୁଟି ଡାଇରେକ୍ଟର ଡ. ତିଳୋତ୍ତମା ସେନାପତି ପୁନର୍ବାର କ୍ୟାରିୟର କାଉନ୍‌ସିଲ ଗଠନ ଓ କାର୍ଯ୍ୟକ୍ରମ ସମ୍ପର୍କିତ ତଥ୍ୟ ପ୍ରଦାନ ନେଇ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏହାପରେ ମହାବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର କ୍ୟାରିୟର କାଉନ୍‌ସିଲ ଗଠନ କରିବା ସହ କ୍ୟାରିୟର କାଉନ୍‌ସିଲ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଖଲ୍ଲିକୋଟ କନିଷ୍ଠ ମହାବିଦ୍ୟାଳୟ ତଥା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କ୍ୟାରିୟର କାଉନ୍‌ସିଲ ଗଠନ କରା ନ ଯିବା, ଛାତ୍ରୀଛାତ୍ରଙ୍କୁ ପଢିବା ପାଇଁ ଶ୍ରେଣୀଗୃହ ଯୋଗାଇବାରେ କର୍ତ୍ତୃପକ୍ଷ ଅସମର୍ଥ ହୋଇଥିବା, ବିଦ୍ୟାର୍ଥୀଙ୍କଠାରୁ ସଂଗ୍ରହ କରାଯାଉଥିବା ଡେଭଲପମେଣ୍ଟ ଫିର ଠିକ୍ ବିନିଯୋଗ କରା ନ ଯିବା ନେଇ ଅଭିଯୋଗ ହୋଇଥିଲା ।

# ନାରୀଙ୍କ ଉଦାହରଣ ସାଜିଛନ୍ତି ସୁମିତ୍ରା

ବ୍ରହ୍ମପୁର ଅଫିସ,୨୦।୧

**କ୍ଷୁଦ୍ର ବ୍ୟବସାୟରେ ସମ୍ଭାଳୁଛନ୍ତି ପରିବାର ବୋଝ**



ସୁମିତ୍ରା ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରୁଛନ୍ତି।

ରେଶମନଗରୀ ମହିଳାମାନେ ସର୍ବଦା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଥାନ୍ତି । ଅନ୍ୟ ଉପରେ ନିର୍ଭର ନ କରି ନିଜେ ସ୍ୱାବଲମ୍ବୀ ହୋଇ ପରିବାର ସମ୍ଭାଳୁଛନ୍ତି ସୁମିତ୍ରା ପାତ୍ର। ବ୍ରହ୍ମପୁର ଗେଟବଜାରସ୍ଥିତ ବିଲସାହିର ସୁମିତ୍ରା ଅନ୍ୟ ନାରୀଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ୧୫ ବର୍ଷ ପୂର୍ବେ ଶ୍ରୀରାମନଗର ସାହିର ସୁମିତ୍ରାଙ୍କ ବିବାହ ଗେଟବଜାର ବିଲସାହିର ରବୀନ୍ଦ୍ର ପାତ୍ରଙ୍କ ସହ ହୋଇଥିଲା। ୮ ବର୍ଷର ଦାମ୍ପତ୍ୟ ଜୀବନ ପରେ ହଠାତ୍ ଦିନେ ତାଙ୍କ ପାଦତଳୁ ମାଟି ଖସିଯାଇଥିଲା । ମସ୍ତିଷ୍କ ରୋଗରେ ସ୍ୱାମୀ ରବୀନ୍ଦ୍ର ଆରପାରିକୁ ଚାଲିଗଲେ । ଆର୍ଥିକ ଅନଟନରେ ଗତି କରି ଆସୁଥିବା ସୁମିତ୍ରାଙ୍କ ପରିବାରରେ ଥିବା ୮ବର୍ଷର ପୁଅ ସହ ବର୍ଷକର ଛୋଟ ଝିଅ। ସେମାନଙ୍କ ତୁଣ୍ଡରେ ଦୁଇଓଳି ଦୁଇମୁଠା ଅନ୍ନ ଯୋଗାଡ଼ରେ ବାହାରକୁ ପାଦ କାଢ଼ିବାକୁ ସୁମିତ୍ରା ସ୍ଥିର କଲେ । କିନ୍ତୁ ତାଙ୍କ ପିଉସା ଶ୍ୱଶୁର ତାଙ୍କୁ ଘରେ କାକରା ତିଆରି କରି ଦୋକାନକୁ ଦେବାକୁ କହିଥିଲେ । ସୁମିତ୍ରା ସେତେବେଳେ କାମ ଜାଣି ନ ଥିଲେ । ଏହି କାମରେ ମା' ଓ ତାଙ୍କ ଶାଶୁଙ୍କ ଅବଦାନ ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ପ୍ରଥମେ ପ୍ରଥମେ ୧୦୦ କାକରା କରି 'କାମା ମିଠା' ଦୋକାନରେ ବିକ୍ରି କରୁଥିଲେ । ଧୀରେ ଧୀରେ ତାଙ୍କ ବ୍ୟବସାୟ ବଢ଼ିବାରେ ଲାଗିଲା। ବର୍ତ୍ତମାନ ଦିନକୁ ୫ଶହରୁ ଊର୍ଦ୍ଧ୍ୱ କାକରା, ୧୫୦ରୁ ଊର୍ଦ୍ଧ୍ୱ ସିଙ୍ଗଡ଼ା ଓ ୧୦୦ ଚନ୍ଦ୍ରକାନ୍ତି କାମା ମିଠା ଦୋକାନ, ଦୁର୍ଗାଦେବୀ ମିଠା ଦୋକାନ, ବିଭିନ୍ନ ଚା ଦୋକାନକୁ ପ୍ରତିଦିନ ବିକ୍ରି ପାଇଁ ଯାଉଛି। ସୁମିତ୍ରାଙ୍କ ହାତ ତିଆରି କାକରା ଗ୍ରାହକଙ୍କ ମନ କିଣି ନେଇଥାଏ। ପୁଅ ଆରିଆନ୍ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଝିଅ ଅନ୍ୱେଷା ତୃତୀୟ ଶ୍ରେଣୀରେ ପଢୁଛନ୍ତି । ସେମାନଙ୍କ ପଢ଼ା ଖର୍ଚ୍ଚ, ପୋଷାକପତ୍ର ସହ ଯାବତୀୟ ଖର୍ଚ୍ଚ ସୁମିତ୍ରା ବହନ କରୁଛନ୍ତି । ଦୁହିଁଙ୍କ ଭବିଷ୍ୟତ ନେଇ ସେ ଆଶାବାଦୀ ଅଛନ୍ତି । ବାପାଙ୍କ ଅନୁପସ୍ଥିତିକୁ ଅନୁଭବ ହେବାକୁ ଦେଇନାହାନ୍ତି ପିଲାମାନଙ୍କୁ । ସେ ରୋଜଗାରକ୍ଷମ ହେବା ସହ ୩ ଜଣଙ୍କୁ ମଧ୍ୟ କାମ ଯୋଗାଇ ଦେଇଛନ୍ତି। ସକାଳୁ ଘର କାମ, ପିଲାଙ୍କ ପଢ଼ା ଦେଖିବା ପରେ କାକରା ତିଆରି କରି ନିଜେ ବିଭିନ୍ନ ଦୋକାନରେ ଦେଇଆସନ୍ତି। ନାରୀ ଅବଳା ଦୁର୍ବଳା ନୁହେଁ, ସେ ପ୍ରମାଣ କରି ଦେଖାଇ ପାରିଛନ୍ତି । ସ୍ୱାମୀଙ୍କ ବିନା ପରିବାରର ବୋଝ ସମ୍ଭାଳିବା କେତେ କଷ୍ଟ ତଥାପି ସେ ହାର ମାନି ନାହାନ୍ତି। ବର୍ଷା ହେଉ କି ଖରା, ସେ ନିଜ କର୍ତ୍ତବ୍ୟ କରି ଚାଲିଛନ୍ତି । ଅନ୍ୟ ନାରୀଙ୍କୁ ମଧ୍ୟ ନିଜ ଗୋଡ଼ରେ ଠିଆ ହେବା ପାଇଁ ସନ୍ଦେଶ ଦେଇଛନ୍ତି । ସ୍ୱାବଲମ୍ବୀ ହେବା ପଛର ସବୁ ଶ୍ରେୟ ନିଜ ଶାଶୁ ମା'ଙ୍କୁ ଦେଇଛନ୍ତି ସୁମିତ୍ରା ।

# ପ୍ରମାଣ ଅଭାବରୁ ୨ ଅଭିଯୁକ୍ତ ନିର୍ଦ୍ଦୋଷ

ବ୍ରହ୍ମପୁର ଅଫିସ,୨୦।୧

**ଗଞ୍ଜେଇ ଚୋରା ଚାଲାଣ ମାମଲା**

ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ) –୧ ଡ଼.ପ୍ରସନ୍ନ କୁମାର ପଣ୍ଡା ସୋମବାର ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ କନ୍ଧମାଳ ଜିଲାର ମାଧବ ନାୟକ (୨୦) ଓ ନିରଞ୍ଜନ ବିଷୋୟୀ (୨୨)। ଘଟଣାରୁ ପ୍ରକାଶ, ୨୦୧୭ ସେପ୍ଟେମ୍ବର ୨ରେ ଆଗୁଆ ସୂଚନା ପାଇ ଅବକାରୀ ଗୋଇନ୍ଦା ଇନ୍ସପେକ୍ଟର ଓ ତାଙ୍କ ଟିମ୍ ଫାଷ୍ଟଗେଟ ନିକଟରେ ଛକି ରହିଥିଲେ। ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ କାର (ନଂ ଓଆର୦୨ଏଏ–୮୩୯୮)କୁ ଅଟକାଇ ଯାଞ୍ଚ କରିଥିଲେ। ଏହା ଭିତରେ ୯୫ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ଅଭିଯୁକ୍ତଙ୍କୁ ଗିରଫ କରି ଅବକାରୀ ପୋଲିସ କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ଧୀରେନ କୁମାର ବେହେରା କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୨ ବର୍ଷ ଜେଲରେ ରହିବା ପରେ ଉଭୟ ଅଭିଯୁକ୍ତଙ୍କୁ ଜାମିନ ମିଳିଥିଲା। ସୋମବାର ଏହି ମାମଲାର ବିଚାର ବେଳେ ଉଭୟ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ। ୪ ସାକ୍ଷୀଙ୍କ ବୟାନକୁ ଆଧାର କରି ସେମାନଙ୍କୁ ଏଡିଜେ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଅନିଲ କୁମାର ସାହୁ ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଇସ୍‌ମାଇଲ ମହମ୍ମଦ, ସୁରେଶ କୁମାର ସାହୁ, ଅଞ୍ଜଳି ସାହୁ ଓ ତୃପ୍ତି ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।



# ଆତ୍ମସମର୍ପଣ ପରେ ୨ ଅଭିଯୁକ୍ତଙ୍କୁ ଜେଲ

ବ୍ରହ୍ମପୁର ଅଫିସ,୨୦।୧

କେ.ଗୋପୀ ରେଡ୍ଡୀ ହତ୍ୟା ମାମଲାର ୨ ଅଭିଯୁକ୍ତ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ ଗଞ୍ଜାମ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ସୋମବାର ଆତ୍ମସମର୍ପଣ କରିଥିଲେ। ଜିଲା ଜଜ୍ ରାମ ଶଙ୍କର ହୋତା ଅଭିଯୁକ୍ତ ପ୍ରମୋଦ ଗୌଡ଼ ଓ ବିଜୟ ଗୌଡ଼ଙ୍କ ଜାମିନ ଆବେଦନ ଖାରଜ କରିବା ସହ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି।

ପ୍ରକାଶ ଯେ, ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡିର କେ.ଗୋପୀନାଥ ରେଡ୍ଡୀଙ୍କୁ ୧୯୯୬ ଜୁନ ୧୯ ତାରିଖରେ ମଦ ବ୍ୟବସାୟକୁ କେନ୍ଦ୍ର କରି ସଂଘବଦ୍ଧ ଭାବେ ଏ.ରଘୁନାଥପୁର ଗାଁଦାଣ୍ଡରେ ହତ୍ୟା କରାଯାଇଥିଲା। ପୋଲିସ ମାମଲା ନମ୍ବର ୭୯/୯୬ରେ ପ୍ରମୋଦ ଗୌଡ଼, ବିଜୟ ଗୌଡ଼, ପ୍ରକାଶ ଗୌଡ଼, ସାଏବ ଗୌଡ଼ ଓ କୈବଲ୍ୟ ଗୌଡ଼ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୨୦୦୦ରେ ଏହି ମାମଲାର ବିଚାର ବେଳେ ତତ୍କାଳୀନ ଜିଲା ଜଜ୍ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ପରେ ଅଭିଯୁକ୍ତମାନଙ୍କ ପକ୍ଷରୁ ସେମାନଙ୍କ ଓକିଲ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ପୂର୍ବରୁ

**ଗୋପୀ ରେଡ୍ଡୀ ହତ୍ୟା ମାମଲା**

ଜିଲା ଜଜ୍ କୋର୍ଟ ଦେଇଥିବା ରାୟକୁ କାଏମ ରଖିଥିଲେ। ଅନ୍ୟପଟେ ଏହି ଘଟଣାରେ କୈବଲ୍ୟଙ୍କ ସମ୍ପୃକ୍ତି ନ ଥିବା ଦର୍ଶାଇ ହାଇକୋର୍ଟ ତାଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ଇତିମଧ୍ୟରେ ପ୍ରକାଶ ଓ ସାଏବଙ୍କର ମୃତ୍ୟୁ ଘଟିଥିଲା। ପରେ ପ୍ରମୋଦ ଓ ବିଜୟ ଜାମିନରେ ଆସିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ କୋର୍ଟରେ ବିଚାର ବେଳେ ପ୍ରମୋଦ ଓ ବିଜୟ ହାଜର ହୋଇ ନ ଥିଲେ। ୨୦୧୯ ନଭେମ୍ବର ୧୬ରେ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଜଜ୍ କୋର୍ଟ ଉଭୟ ଅଭିଯୁକ୍ତଙ୍କ ନାମରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ମୁଦାଲାଙ୍କ ଓକିଲ ସୁପ୍ରିମକୋର୍ଟରେ ସ୍ପେସିଆଲ ଲିଭ ପିଟିଶନ ଦାଖଲ କରିଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ଜିଲା ଜଜ୍‌ଙ୍କ କୋର୍ଟରେ ୭ ଦିନ ଭିତରେ ହାଜର ହେବା ପାଇଁ ଅଭିଯୁକ୍ତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ପ୍ରମୋଦ ଓ ବିଜୟ ଜିଲା ଜଜ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ନାଟ୍ୟ ନିର୍ଦ୍ଦେଶକ ସୁରେନ୍ଦ୍ରଙ୍କୁ ନାଟ୍ୟଜ୍ୟୋତି ସମ୍ମାନ

**ବ୍ରହ୍ମପୁର ଅଫିସ,୨୦।୧:** କବି କୈଳାସ ଚନ୍ଦ୍ର ମହାପାତ୍ର ଫାଉଣ୍ଡେଶନ୍ ଟ୍ରଷ୍ଟର ସମ୍ବର୍ଦ୍ଧନା ଉତ୍ସବ ସ୍ଥାନୀୟ ରେଡିଓ ଷ୍ଟେଶନ୍ ବ୍ୟାଙ୍କ କଲୋନୀ ସ୍ଥିତ ଶିବପ୍ରସାଦ ନିଳୟମ୍‌ରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଶିଶିର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଟ୍ୟକାର ଲିଙ୍ଗରାଜ ନାହାକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଲୋକସଂସ୍କୃତି ଗବେଷକ ଡ. ପ୍ରଦୀପ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କଳାରତ୍ନ ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସାମାଜିକକର୍ମୀ ଶ୍ୟାମସୁନ୍ଦର ସାହୁ ଓ ଶିକ୍ଷାବିତ୍ ଲୋକନାଥ ଷଣ୍ଢ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଗଞ୍ଜାମ ଜିଲାର ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ତଥା ସଙ୍ଗୀତଜ୍ଞ ସୁରେନ୍ଦ୍ର ନାଥ ସାହୁଙ୍କୁ ଫାଉଣ୍ଡେଶନ୍ ଟ୍ରଷ୍ଟ ପ୍ରତିଷ୍ଠାତା କବି କୈଳାସ ଚନ୍ଦ୍ର ମହାପାତ୍ର ମାନପତ୍ର ଓ ଉପଢ଼ୌକନ ପ୍ରଦାନ ପୂର୍ବକ ନାଟ୍ୟଜ୍ୟୋତି ସମ୍ମାନରେ ସମ୍ମାନିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳାପ୍ରେମୀ ଇନ୍ଦ୍ରମଣି ନାହାକ, ଶିକ୍ଷାବିତ୍ ସତ୍ୟନାରାୟଣ ମିଶ୍ର, ଜିତେନ୍ଦ୍ରନାଥ ପଟ୍ଟନାୟକ, ବାଦ୍ୟ କଳାକାର ବଳଦେବ ସାହୁ, ହର୍ବାଲିଷ୍ଟ ସରିତା ପଣ୍ଡା, ଡ. ଦେବାଶିଷ ପଣ୍ଡା, ପ୍ରେମଲତା ସାହୁ, ଗୀତାଞ୍ଜଳି ଦାସ, ପ୍ରଦୀପ କୁମାର ଦାଶ, ଅଜିତ କୁମାର ପାଣିଗ୍ରାହୀ, ସତ୍ୟଶେଖର ନନ୍ଦ, ସିଏଚ୍. ମହେନ୍ଦ୍ର କୁମାର ପାତ୍ରଙ୍କ ସମେତ ବହୁ ବୁଦ୍ଧିଜୀବୀ ଓ କଳାପ୍ରେମୀ ଉପସ୍ଥିତ ଥିଲେ।

### ଜିଲାସ୍ତରୀୟ ସିଆର୍‌ସିସି ସଂଘର ବୈଠକ

**ବୁଗୁଡ଼ା,୨୦।୧(ଡି.ଏନ.ଏ.):** ବୁଗୁଡ଼ା ନିକଟସ୍ଥ ବୁଦ୍ଧଖୋଲଠାରେ ରବିବାର ଜିଲାସ୍ତରୀୟ ସିଆର୍‌ସିସି ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସଂଘ ସଭାପତି ରାଜ କିଶୋର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି, ବୁଗୁଡ଼ା ବିଇଓ ରସାନନ୍ଦ କର ମୁଖ୍ୟବକ୍ତା ଓ ଏବିଇଓ ପୀତାମ୍ବର ବିଷୋୟୀ, ପ୍ରମୋଦ ଚନ୍ଦ୍ର ସେନାପତି, ପ୍ରସନ୍ନ କୁମାର ବେହେରା, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ ଓ ରେବତୀ ମୋହନ ନାୟକ, ଜିଲା ସିଆରସିସି ସଂଘ ସଭାପତି ଟୁଟୁ ପ୍ରଧାନ, ସମ୍ପାଦକ ରବୀନ୍ଦ୍ର ସେଠୀ, ଭଞ୍ଜନଗର ବ୍ଲକ ସଭାପତି ଭଗବାନ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୈଠକରେ ସିଆରସିସିମାନଙ୍କ ବିଭିନ୍ନ ସମସ୍ୟା ଓ ସାଙ୍ଗଠନିକ ଆଲୋଚନା ହୋଇଥିଲା। ବିଦ୍ୟାଳୟଗୁଡ଼ିକର ସାମଗ୍ରିକ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ ଜିଲାପାଳଙ୍କ ସ୍ୱଲିଖିତ ପୁସ୍ତକ 'ଆଜିର ଦିନ ମୋର'କୁ ବିଧାୟକ ଉନ୍ମୋଚନ କରିଥିଲେ। ବୁଗୁଡ଼ା ବ୍ଲକର ସିଆରସିସିମାନେ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

# ଯନ୍ତ୍ରୀଙ୍କୁ ପୂର୍ବତନ ଛାତ୍ର ସଭାପତିଙ୍କ ଦାବିପତ୍ର


ପୂର୍ବତନ ଛାତ୍ରନେତା ଆଶୁତୋଷଙ୍କ ସହ ନିର୍ବାହୀଯନ୍ତ୍ରୀ ।

ବ୍ରହ୍ମପୁର ଅଫିସ,୨୦।୧

**କେଏଟିଏସ୍ ଆୟୁର୍ବେଦ କଲେଜ ସମସ୍ୟା**

ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଥିବା ପୂର୍ତ୍ତ ଓ ରାସ୍ତା ଡିଭିଜନ ନିର୍ବାହୀ ଯନ୍ତ୍ରୀ ଅରୁଣ କୁମାର ଶତପଥୀଙ୍କୁ ସାକ୍ଷାତ୍ କରିଛନ୍ତି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ୍) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ଛାତ୍ର ସଂସଦ କର୍ମକର୍ତ୍ତା। ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସଭାପତି ଆଶୁତୋଷ କର ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ଆୟୁର୍ବେଦ ମହାବିଦ୍ୟାଳୟରେ ଥିବା ଚିକିତ୍ସାଳୟର ସମ୍ମୁଖ ଫାଟକ, ନୂତନ ଛାତ୍ରାବାସ, ଶ୍ରେଣୀ ଗୃହରେ ଥିବା ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ମହାବିଦ୍ୟାଳୟ ସମସ୍ୟା ସମ୍ପର୍କରେ ଅଗ୍ରାଧିକାର ଦିଆଯିବା ସହ ତୁରନ୍ତ ସମାଧାନ କରିବାକୁ ନିର୍ବହୀଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ପୂର୍ବତନ ସଭାପତି ସୂଚାଇଛନ୍ତି।

# ହୁମ୍ମା ଶୁଖୁଆ ହାଟରେ ମହିଳା ବ୍ୟବସାୟୀଙ୍କୁ ଶୋଷଣ


ଉପଜିଲାପାଳଙ୍କୁ ଭେଟି ଫେରୁଛନ୍ତି।

ଛତ୍ରପୁର,୨୦।୧(ଡି.ଏନ.ଏ.)

- ଅତ୍ୟଧିକ ପାନ୍ସୁ ଆଦାୟ
- ଉପଜିଲାପାଳଙ୍କ ନିକଟରେ ଅଭିଯୋଗ

ଗଞ୍ଜାମ ଜିଲା ହୁମ୍ମା ଶୁଖୁଆ ହାଟରେ ବ୍ୟବସାୟୀମାନଙ୍କୁ ପାନ୍ସୁ ଆଦାୟ ନାଁରେ ଶୋଷଣ କରାଯାଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କଲେ ଧମକ ଚମକଠାରୁ ଆରମ୍ଭ କରି ଶୁଖୁଆ କୁଣ୍ଡି ଫିଙ୍ଗି ଦିଆଯାଇଛି । ଏପରିକି ୧୨ ତାରିଖରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ମାଡ ମରାଯାଇଛି । ଏନେଇ ହୁମ୍ମା ଫାଣ୍ଡିରେ ଅଭିଯୋଗ କରାଯାଇ ଏତଲା ଦିଆଯାଇଛି। ତଥାପି ଶୋଷଣ କରାଯାଉଥିବା ସୋମବାର ଅପରାହ୍ନରେ ଛତ୍ରପୁର ଉପଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ମହିଳା ବ୍ୟବସାୟୀମାନେ ଏହା କହିଛନ୍ତି। ଛତ୍ରପୁର ଉପଜିଲାପାଳଙ୍କୁ ଭେଟି ଏ ସମ୍ପର୍କରେ ଅଭିଯୋଗ କରାଯାଇଛି । ଜିଲାର ହରିପୁର, ସାନ ଆର୍ଯ୍ୟପଲ୍ଲୀ, ବଡ ଆର୍ଯ୍ୟପଲ୍ଲୀ, ବଡ ନୋଳିଆନୂଅଗାଁ, ସାନ ନୋଳିଆନୂଅଗାଁ, ପ୍ରୟାଗୀ, କରଳବାଡ଼ି, କଣ୍ଟିଆଗଡ, ପୋଡମପେଟା, ନୂଆ ବକ୍ସିପଲ୍ଲୀ, ଗୋପାଳପୁର, ଗୋଖରକୁଦା, ବନ୍ଦର, ସୋପୁର, ମାର୍କଣ୍ଡି, ଗାରମାପେଟା ଓ ଗୋଳାବନ୍ଧ ପ୍ରମୁଖ ୨୭ଗାଁ ସମୁଦ୍ର କୂଳ ନିକଟରେ ଅବସ୍ଥିତ। ଉକ୍ତ ଗାଁର ନୋଳିଆମାନେ ସମୁଦ୍ରକୁ ଯାଇ ମାଛ ମାରି ଆଣିଥାନ୍ତି। ଏହାପରେ ନୋଳିଆଙ୍କ ସ୍ତ୍ରୀମାନେ ଏଥିରେ ଲୁଣ ମିଶାଇ ଶୁଖାଇଥାନ୍ତି। ଏହାପରେ ପ୍ରସ୍ତୁତ ଶୁଖୁଆକୁ ହୁମ୍ମା ହାଟକୁ ମହିଳା ବ୍ୟବସାୟୀମାନେ ନେଇ ବିକ୍ରି କରିଥାନ୍ତି । ଶନିବାର ରାତିରେ ଏମାନେ ଶୁଖୁଆ ଧରି ସେଠାକୁ ଯାଇଥାନ୍ତି । ରବିବାର ଅପରାହ୍ନରେ ବ୍ୟବସାୟ ସାରି ଘରକୁ ଫେରନ୍ତି । ଉକ୍ତ ହାଟକୁ ରାଜ୍ୟର ବିଭିନ୍ନ ଜିଲା ତଥା ଗଞ୍ଜାମ ଜିଲାର ବଡ ଓ ଛୋଟ ବ୍ୟବସାୟୀମାନେ ଯାଇ ଶୁଖୁଆ କିଣି ନେଇ ସେମାନଙ୍କ ସ୍ଥାନରେ ବିକ୍ରି କରିଥାନ୍ତି । ଏଥିପାଇଁ ସେଠାକୁ ପିକ୍‌ଅପ୍ ଭ୍ୟାନ୍‌ଠାରୁ ଆରମ୍ଭ କରି ଟ୍ରକ୍ ମଧ୍ୟ ଯାଇଥାଏ । ମାତ୍ର ଉକ୍ତ ମହିଳା ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସେଠାକୁ ଶୁଖୁଆ କିଣିବାକୁ ଆସୁଥିବା ବ୍ୟବସାୟୀ ଏବଂ ଗାଡି ମାଲିକଙ୍କଠାରୁ ଚଢାଦରରେ ପାନ୍ସୁ ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି । ଏହାର ପ୍ରତିବାଦ କଲେ ବିକ୍ରି କରିବାକୁ ଦିଆଯାଉନି ବୋଲି ଧମକ ଦିଆଯାଉଛି। ଏପରିକି ସେମାନଙ୍କ କହିବାନୁସାରେ, ଶନିବାର ରାତିରେ ଯାଇଥିଲେ ହେଁ ରବିବାର ଅପରାହ୍ନରେ ଶୁଖୁଆ ଓଜନ କରିବାକୁ ଅନୁମତି ଦିଆଯାଉ ନ ଥିବା ମହିଳା ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି । ସରକାରୀ ନିୟମରେ ପାନ୍ସୁ ଆଦାୟ କରିବାକୁ ନିର୍ଦ୍ଦେଶ ଦେବାକୁ ଉପଜିଲାପାଳଙ୍କ ନିକଟରେ ଅନୁରୋଧ କରାଯାଇଛି । ପ୍ରତି ଶୁଖୁଆ କୁଣ୍ଡି ପିଛା ୨୦୦ ଟଙ୍କା, ପିକଅପ୍ ଭ୍ୟାନ୍ ପାଇଁ ୫ ହଜାର ଟଙ୍କା ପାନ୍ସୁ ଆଦାୟ କରାଯାଉଛି। ଏଥିସହ ଉକ୍ତ ଜାଗାରେ ଶୁଖୁଆ ବିକ୍ରି ପାଇଁ ବାର୍ଷିକ ୨ ହଜାର ଟଙ୍କା ମଧ୍ୟ ଆଦାୟ କରାଯାଉଥିବା ମହିଳା ବ୍ୟବସାୟୀମାନେ କହିଛନ୍ତି । ପାନ୍ସୁ ଆଦାୟ କରୁଥିବା ୧୦ ଜଣ ବ୍ୟକ୍ତି ହତ୍ୟା ଧମକ, ଠେଲାପେଲା, ମାଡ ମାରିବା ସହ ଅଭଦ୍ର ଭାଷାରେ ଗାଳିଗୁଲଜ କରୁଥିବା ଏମାନେ ଅଭିଯୋଗ କରୁଛନ୍ତି । ଏପରକି ସେଠାକୁ ଶୁଖୁଆ କିଣିବାକୁ ଆସୁଥିବା ଲୋକଙ୍କଠାରୁ ମଧ୍ୟ ପାନ୍ସୁ ଆଦାୟ କରାଯାଉଛି ।

# ଫରୱାର୍ଡ଼ ବ୍ଲକ ଜିଲା ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୦।୧

ଗଞ୍ଜାମ କଳା ପରିଷଦ ପ୍ରାଙ୍ଗଣରେ ଫରୱାର୍ଡ଼ ବ୍ଲକ୍ ଜିଲା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଭୁଧେନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ସମରଜିତ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଦ୍ୱାରା ଗଠିତ ରାଜନୈତିକ ଦଳ ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକ୍ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଫରୱାର୍ଡ଼ ବ୍ଲକ୍ ରାଜ୍ୟ ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ମଞ୍ଚାସୀନ ଥିଲେ । ଆକାଶ ଛୁଆଁ ଦରଦାମ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା, ଅଭାବୀ ବିକ୍ରି, ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅଭାବ ରହିଛି । ଫଳରେ ସାଧାରଣ ଜନତା ତ୍ରାହି ତ୍ରାହି ଡ଼ାକ ଦେଉଛନ୍ତି ବୋଲି ଆଲୋଚନା ହୋଇଥିଲା । ଜିଲାର ଆସିକା ଚିନି କଳ ବନ୍ଦ ହେବାକୁ ବସିଥିବା, ଗୋପାଳପୁର ବନ୍ଦର ସ୍ଥାୟୀ ମାନ୍ୟତା ନ ପାଇବା, କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନ ହେବା ସରକାରଙ୍କ ଭାବମୂର୍ତ୍ତିକୁ ପଦାରେ ପକାଉଛି । ଏହି ସମ୍ମିଳନୀରେ ଏକ ୧୫ ଜଣିଆ କମିଟି ଗଠନ କରାଯାଇଥିଲା। ସଂଘ ସଭାପତି ବିଭୁଧେନ୍ଦ୍ର ପାଢ଼ୀ,ଉପସଭାପତି ସନ୍ତୋଷ ସାହୁ, ସାଧାରଣ ସମ୍ପାଦକ ସମରଜିତ ମହାନ୍ତି, କୋଷାଧ୍ୟକ୍ଷ ସ୍ୱପ୍ନେଶ୍ୱର ପାଣିଗ୍ରାହୀଙ୍କୁ ନିର୍ବାଚିତ କରାଯାଇଥିଲା । ସଂଗଠନର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

# ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

# ଗଞ୍ଜାମକୁ ମିଳିଲା ୪୧ ସ୍ୱର୍ଣ୍ଣ ପଦକ


ଟ୍ରଫି ପ୍ରଦାନ କରାଯାଉଛି ।

ଛତ୍ରପୁର,୨୦।୧(ଡି.ଏନ୍.ଏ.)

କଟକସ୍ଥିତ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ୧୬ ରୁ ୧୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ଓପନ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଗଞ୍ଜାମ ଜିଲାର ବିଭିନ୍ନ ଟାଏକୋଣ୍ଡୋ ଏକାଡେମୀରୁ ୬୮ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗୀମାନେ ୪୧ ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୧୬ କାଂସ୍ୟ ପଦକ ହାସଲ କରି ସଫଳତା ଆଣିଛନ୍ତି। ଏଥିସହ ଟାଏକୋଣ୍ଡୋର ପୁମ୍‌ସେରେ ଗଞ୍ଜାମ ଜିଲା ରନର୍ସଅପ୍ ହୋଇଛି। କୋଚ୍ କେ. ମନୋଜ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଟିମ୍ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲା। ଗଞ୍ଜାମ ଜିଲା ଟାଏକୋଣ୍ଡୋ ସଂଘ ସଭାପତି ଶ୍ରୀକାନ୍ତ ମହାନ୍ତି, ଅନିତା ମିଶ୍ର, ଅମ୍ବିକା ପ୍ରସାଦ, ଇ.ଲଳିତ କୁମାର, ସିଏଚ୍ ପ୍ରସାଦ ନାୟକ, ପାଶୁ ନାୟକ, ମନୋଜ କୁମାର ମହାରଣା ଓ ବିକାଶ ଗୌଡ ପ୍ରମୁଖ ଉକ୍ତ ଟିମ୍‌କୁ ସମ୍ବର୍ଦ୍ଧନା ଦେଇଛନ୍ତି।

# କ୍ରିକେଟ ଟୁର୍ନାମେଣ୍ଟ: ପାନାସୋନିକ ଟିମ୍ ବିଜୟୀ

ଆସିକା,୨୦।୧(ଡି.ଏନ୍.ଏ.)

ଆସିକା ଏନଏସିର ତାଲୁକା ଛକଠାରେ ଚାଲିଥିବା କାହ୍ନୁଚରଣ ତ୍ରିପାଠୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚ ଆସିକା ପାନାସୋନିକ ଟିମ୍ ଓ ଧରାକୋଟ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଆସିକା ପାନାସୋନିକ ଟିମ୍ ବିଜୟୀ ହୋଇଛି । ଟସ ଜିତି ପାନାସୋନିକ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ୟଙ୍ଗଷ୍ଟାର ଟିମ୍ ଏହି ରନର ପିଛା କରି ୯ ଉଇକେଟ ହରାଇ ୧୪୮ ରନ କରି ପରାଜିତ ହୋଇଛି। ପାନାସୋନିକ ଟିମର ଜଗା ନାୟକ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ତ୍ରିଲୋଚନ ପାତ୍ର ଖେଳ ପରିଚାଳନା କରିଥିଲେ ।

# କିନ୍ନରଙ୍କ ପାଇଁ ଆଇନ ସଚେତନତା ଶିବିର

ବ୍ରହ୍ମପୁର ଅଫିସ,୨୦।୧

ଗଞ୍ଜାମ ଜିଲା ଆଇନ ସେବା ପ୍ରାଧିକରଣ (ଡ଼ିଏଲଏସ୍‌ଓ) ତରଫରୁ ସୋମବାର କିନ୍ନରଙ୍କ ପାଇଁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହା କୋର୍ଟସମ୍ମିଳନୀ କକ୍ଷରେ ଆୟୋଜନ କରାଯାଇଥିଲା। ଶିବିରରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)-୧ ଡ଼.ପ୍ରସନ୍ନ କୁମାର ପଣ୍ଡା ଯୋଗଦେଇ କିନ୍ନରଙ୍କ ପାଇଁ ଥିବା ଆଇନଗତ ଅଧିକାର ସମ୍ପର୍କରେ ସେମାନଙ୍କୁ ଅବଗତ କରିଥିଲେ। ଏଥିରେ ବହୁ ସଂଖ୍ୟାରେ କିନ୍ନର ଓ ପାରା ଲିଗଲ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। କିନ୍ନରମାନଙ୍କର ଅଧିକାର ଓ ଆଇନଗତ ସହାୟତା ଉପରେ ଏଥିରେ ସଚେତନତା କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ପରିବାର କୋର୍ଟ ବିଚାରପତି ପ୍ରଜ୍ଞା ପାଣିଗ୍ରାହୀ, ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ, ଅତିରିକ୍ତ ସିଭିଲ ଜଜ ଜନ୍ମେଜୟ ଦାସ, ଡ଼ିଏଲଏସ୍‌ଓ ସଚିବ ବିଜୟ କୁମାର ଦାସ, ସିଭିଲ ଜଜ ଶ୍ରୀଦୀପ ମିଶ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତି ରଞ୍ଜନ ଦାସ ପ୍ରମୁଖ ମଞ୍ଚସୀନ ଥିଲେ।

# ସ୍ୱାମୀଙ୍କ ସହ କାନ୍ଧ ମିଳାଇ ପରିବାର ଚଳାନ୍ତି ଝିଅ ମାଆ

ବ୍ରହ୍ମପୁର ଅଫିସ,୨୦।୧

**ରେଶମନଗରୀର ଏକମାତ୍ର ମହିଳା ଖବରକାଗଜ ବିତରକ**

ବ୍ରହ୍ମପୁର ମହାନଗର ନିଗମ ରେଳ ଷ୍ଟେଶନ୍ ଆଗରେ ଜଣେ ମହିଳା ଖବର କାଗଜ ବିତରକ । ସେ ହେଉଛନ୍ତି ଝିଅ ମାଆ ପାଢ଼ୀ । ବୟସ ପାଖାପାଖି ୫୦ ହେବ । ରେଳବାଇ ଷ୍ଟେଶନ୍ ସମ୍ମୁଖରେ ବସି ଭୋର ୫ଟାରୁ ସକାଳ ୮ଟା ପର୍ଯ୍ୟନ୍ତ ଖବରକାଗଜ ବିକ୍ରି କରିଥାନ୍ତି। ପରେ ଆଖପାଖ ସାହିରେ ଚାଲିଚାଲି ଖବରକାଗଜ ଦେଇଥାନ୍ତି । ଲାଞ୍ଜିପଲ୍ଲୀ ରାମନଗର ୫ମ ସାହିରୁ ପ୍ରତିଦିନ ପ୍ରାୟ ୭ କି.ମି. ଚାଲିଚାଲି ଷ୍ଟେଶନରେ ଖବରକାଗଜ ବିକ୍ରି କରିଥାନ୍ତି। ରେଶମ ନଗରୀର ଏକ ମାତ୍ର ମହିଳା ଖବର କାଗଜ ବିତରକ ହେଲେ ଝିଅ ମାଆ। ସ୍ୱାମୀ ବାବୁଲା ପାଢ଼ୀ ମଧ୍ୟ ଜଣେ ଖବରକାଗଜ ବିତରକ। ପରିବାର କହିଲେ ୩ ଝିଅ, ଜଣେ ପୁଅ ଓ ଶାଶୁଙ୍କ ସହ ସ୍ୱାମୀ ସ୍ତ୍ରୀ ଦୁହେଁ। ଖବରକାଗଜ ବିକ୍ରି କରି ତେଲ ଲୁଣ ସଂସାର ଚଳାଇଥାନ୍ତି। 'ଧରିତ୍ରୀ' ସହ ଅନ୍ୟ ଖବର କାଗଜ ତାଙ୍କ ପାଖରେ ଥାଏ । ପ୍ରତିଦିନ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଖବର କାଗଜ ବିକ୍ରି କରିଥାନ୍ତି। ସେଥିରୁ ସେ ଦୈନିକ ୪ଶହ ଟଙ୍କା ରୋଜଗାର କରିଥାନ୍ତି । ଏହି ଟଙ୍କାରେ ପରିବାର ଗୁଜରାଣ ମେଣ୍ଟିଥାଏ। ପୁଅ ୧୦ମ ଶ୍ରେଣୀରେ ପଢୁଥିବା ବେଳେ ଜଣେ ଝିଅ ବିବାହିତା। ଅନ୍ୟ ଦୁଇ ଝିଅଙ୍କୁ ଅର୍ଥ ଅଭାବରୁ ଦଶମ ଶ୍ରେଣୀ ଯାଏ ପଢ଼ାଇଛନ୍ତି। ସ୍ୱାମୀଙ୍କ ସହ କାନ୍ଧରେ କାନ୍ଧ ମିଶାଇ ନିଜ ପରିବାର ଚଳାଉଛନ୍ତି ଝିଅ ମାଆ। କିନ୍ତୁ ହାର ମାନି ନାହାନ୍ତି ସେ। ଯାହା ହେଲେ ବି ପୁଅଙ୍କୁ ଉଚ୍ଚ ଶିକ୍ଷିତ କରିବା ପାଇଁ ଆଶା ରଖିଛନ୍ତି।


ଝିଅ ମାଆ ଷ୍ଟେଶନ୍ ଆଗରେ ଖବର କାଗଜ ବିକୁଛନ୍ତି ।

# ଏବେବି ଖୋଜାପଡ଼େ ଦାନ୍ତକାଠି

ବ୍ରହ୍ମପୁର ଅଫିସ,୨୦।୧

ଦିନଥିଲା ସମସ୍ତେ ଦାନ୍ତକାଠିରେ ଦାନ୍ତ ଘଷୁଥିଲେ। ବର୍ତ୍ତମାନ ଏହା ଲୋପ ପାଇବାରେ ଲାଗିଛି । କିନ୍ତୁ ବ୍ରହ୍ମପୁର ସହରରେ ଏହାର ଚାହିଦା ଏବେ ମଧ୍ୟ ଦେଖିବାକୁ ମିଳିଛି । ବିଭିନ୍ନ ଗ୍ରାମରୁ ଲୋକେ ଆସି ବ୍ରହ୍ମପୁର ସହରରୁ ଦାନ୍ତକାଠି ଖୋଜି କିଣି ନିଅନ୍ତି ।

ଆଜିର ସମାଜରେ ପ୍ରତ୍ୟେକ ମଣିଷ ସର୍ବଦା ଆଧୁନିକତାକୁ ଆପଣାଇବା ପାଇଁ ପସନ୍ଦ କରେ। ସେହିପରି ଆମ ଶରୀରର ଅତ୍ୟାବଶ୍ୟକ ଅଙ୍ଗ ହେଉଛି ଦାନ୍ତ । ଏହାର ସୁରକ୍ଷା ଓ ସଫା ପାଇଁ ଆମେ ପ୍ରତ୍ୟେକ ଦିନ ବ୍ରଶ୍ ବା ଦାନ୍ତକାଠି ବ୍ୟବହାର କରିଥାଉ । ହେଲେ ୧୫-୨୦ ବର୍ଷ ହେବ ଧୀରେ ଧୀରେ ଦାନ୍ତକାଠିର ବ୍ୟବହାର ଲୋପ ପାଇବାରେ ଲାଗିଛି । ସହରର ବଡ଼ବଜାର, ପୁରୁଣା ବସ୍‌ଷ୍ଟାଣ୍ଡ, ଗିରିମାର୍କେଟ ଓ କମାପଲ୍ଲୀ ସହ ଅନ୍ୟାନ୍ୟ ସ୍ଥାନରେ କରଞ୍ଜ, ବାବୁଲ, ସାହାଡା, ଶାଳୁଆ, ମୁତିରୀ ଓ ନିମ ସହ ବିଭିନ୍ନ ପ୍ରକାରର ଦାନ୍ତକାଠି ବିକ୍ରି ହୋଇଥାଏ । ସାଧାରଣତଃ ଏହା ଗଜପତି ଜିଲାର ଛେଳିଗଡ଼, ଅଡ଼ବା ଓ ମୋହନା ସମେତ ଆନ୍ଧ୍ରପ୍ରଦେଶର ପଲାସା ଓ ଚିପୁରିପଲ୍ଲୀ ସ୍ଥାନରୁ ଅଧିକ ଆସିଥାଏ। ବଜାରରେ କରଞ୍ଜ, ଶାହାଡ଼ା ଓ ବାବୁଲର ଅଧିକ ଚାହିଦା ରହିଥାଏ । ଏହା ସହିତ ମାଘ ଓ କାର୍ତ୍ତିକ ମାସରେ ଶାଳୁଆ ଦାନ୍ତକାଠିକୁ ହବିଷ କରୁଥିବା ମହିଳାମାନେ ବ୍ୟବହାର କରିଥାନ୍ତି। ଉକ୍ତ ୨ ମାସ ବେଶ୍ ଚାହିଦା ରହିଥାଏ। ଗୋଟିଏ ବିଡ଼ାରେ ୧୮-୨୦ କାଠି ରହିଥାଏ । ଏହାର ବଜାର ମୂଲ୍ୟ ୧୦ ଟଙ୍କା ରହିଛି ବୋଲି ବ୍ୟବସାୟୀମାନେ କହିଛନ୍ତି। ପ୍ରତ୍ୟେକ ଦିନ ଯଦି ଆମେ ଏଥିରେ ଘଷୁ ବା ସଫାକରୁ ତେବେ ଦାନ୍ତ ନୀରୋଗ ରହିଥାଏ । କିନ୍ତୁ ଆଜିର ଯୁବପିଢ଼ିମାନେ ଏହାକୁ ପୂରା ଭୁଲିଯାଇଛନ୍ତି। ଫଳରେ ସେମାନଙ୍କର ଦାନ୍ତ ନଷ୍ଟ ହୋଇଯାଉଥିବା ବେଳେ ବିଭିନ୍ନ ଦାନ୍ତଜନିତ ରୋଗରେ ପୀଡ଼ିତ ହେଉଛନ୍ତି। ବଜାରରେ ମିଳୁଥିବା ବ୍ରଶ୍‌ରେ ପ୍ରତିଦିନ ଘଷିଲେ ଦାନ୍ତ ଖୋଲା ହୋଇଯାଏ, ଯାହାର କାର୍ଯ୍ୟକରିବା କ୍ଷମତା ହ୍ରାସ ପାଏ ବୋଲି କେତେକ ବରିଷ୍ଠ ନାଗରିକ ମତ ଦେଇଛନ୍ତି । ଦାନ୍ତକାଠିରେ ଘଷିବା ଦ୍ୱାରା ଦାନ୍ତକୁ ସୁରକ୍ଷା ଓ ଶକ୍ତି ମିଳିବା ସହିତ ପାଟିରୁ ଦୁର୍ଗନ୍ଧ ବାହାରେ ନାହିଁ ।


ଦାନ୍ତକାଠି ଦୋକାନ।

## ସେମାନେ ଯାହା କୁହନ୍ତି


ମୁଁ ଏହା ବେଳେ ବେଳେ ବ୍ୟବହାର କରେ । ଏହା ଦାନ୍ତ ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । ମୋ ମତରେ ସମସ୍ତେ ଦାନ୍ତକାଠି ବ୍ୟବହାର କରିବା ଉଚିତ ।

**-ଲକ୍ଷ୍ମୀ ସାମଲ, ଗ୍ରାହକ**


ଦାନ୍ତକାଠି ବ୍ୟବହାର କରିବା ଦ୍ୱାରା ଏଥିରେ ଥିବା ଔଷଧୀୟ ଗୁଣ ଆମ ଦାନ୍ତକୁ ଦୀର୍ଘ ସ୍ଥାୟୀ କରିଥାଏ । ଦାନ୍ତ ମଜଭୁତ ହେବା ସହ ଦୁର୍ଗନ୍ଧ ବାହାରି ନ ଥାଏ ।

**-ପ୍ରକାଶ ଚନ୍ଦ୍ର ସାହୁ, ଗ୍ରାହକ**


ପିଲାମାନେ ସବୁଦିନେ ବ୍ରଶ୍‌ରେ ଘଷନ୍ତି, କିନ୍ତୁ ମୁଁ କରଞ୍ଜ ଦାନ୍ତକାଠି ବ୍ୟବହାର କରିଥାଏ । ଏଥିରେ ଘଷିଲେ ଦାନ୍ତ ସଫା ଓ ସୁରକ୍ଷିତ ରହିଥାଏ ।

**-ଜୟନ୍ତୀ ଜେନା, ଗ୍ରାହକ**


ବ୍ରଶ୍‌ରେଦାନ୍ତଘଷିବା ଭଲନୁହେଁ।ଏହାଦାନ୍ତକୁଦୁର୍ବଳକରିଦିଏ ଯାହା ଫଳରେ କମ ବୟସରେ ଦାନ୍ତ ନଷ୍ଟ ହୋଇଯାଏ ।

**-ବାବୁ ବେହେରା, ଗ୍ରାହକ**


ଆମ ଅଜା ଏହି ବ୍ୟବସାୟ କରୁଥିଲେ। ଏବେ ମୁଁ ଓ ମୋ ମାମୁ ୪୦ ବର୍ଷ ହେଲା କରି ଆସୁଛୁ ଆଗରୁ ଯେମିତି ବ୍ୟବସାୟ ହେଉଥିଲା ଏବେ ମଧ୍ୟ ଠିକ୍ ସେମିତି ରହିଛି ।

**-ବଳରାମ ଭୂୟାଁ, ବେପାରୀ**

## ସଂକ୍ଷେପରେ

### ଫେରାର୍ ବଳାତ୍କାର ଅଭିଯୁକ୍ତ ଗିରଫ

ଦାରିଙ୍ଗବାଡ଼ି,୨୦।୧(ଡି.ଏନ.ଏ): ଏକ ବଳାତ୍କାର ମାମଲାରେ ସମ୍ପୃକ୍ତ ଥାଇ ୧୨ ବର୍ଷ ଧରି ଫେରାର୍ ଥିବା ଅଭିଯୁକ୍ତଙ୍କୁ ସୋମବାର ଦାରିଙ୍ଗବାଡ଼ି ଥାନା ପୋଲିସ ଗିରଫ କରିଛି। ସେ ହେଲେ ପର୍ତ୍ତମାହା ପଞ୍ଚାୟତ ମୁଣ୍ଡୁଲାବାଲି ଗ୍ରାମର ଜିତେନ୍ଦ୍ର କୁମାର ନାୟକ। ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ତାଙ୍କ ନାମରେ ଜିଆର କେସ ନଂ.୧୧/୨୦୦୮ ରହିଥିଲା।

### ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

ଖଜୁରିପଡ଼ା/ବଲସକୁମ୍ପା, ୨୦।୧(ଡି.ଏନ.ଏ.): ଖଜୁରିପଡ଼ା ବ୍ଲକ ବଲସକୁମ୍ପା ଗ୍ରାମ ପଞ୍ଚାୟତର ମା' ଇଷ୍ଟ ଦେବୀ ଯୁବ କଳା ପରିଷଦ ଯୁବକ ସଂଘ ଦ୍ୱାରା ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ଯୁବତୀ ଯୁବକ ଓ ସ୍କୁଲ ଛାତ୍ରୀଛାତ୍ର ଯୋଗଦେଇ ସାଇକେଲ ରେସିଂ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ପଞ୍ଚାୟତର ସରପଞ୍ଚ ଅଜୟ କୁମାର ମଲ୍ଲିକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲା ସଂଯୋଜକ ନେହେରୁ ଯୁବ କେନ୍ଦ୍ରର ସତ୍ୟବାନ ଦଳବେହେରା ଯୋଗ ଦେଇଥିଲେ। କିଷାନ ବେହେରା ପ୍ରଥମ, ମୁନା ସାହାଣୀ ଦ୍ୱିତୀୟ ଓ ଦୀପକ ବେହେରା ତୃତୀୟ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଭାପତି ବିନାୟକ ସାହାଣୀ, ସମ୍ପାଦକ ବିଦୁର ବେହେରା, ମୁଖ୍ୟ ଉପଦେଷ୍ଟା ବୈଦ୍ୟନାଥ ବେହେରା, ସହ ସମ୍ପାଦକ ରୋଜତ କୁମାର ବେହେରା, କୋଷାଧ୍ୟକ୍ଷ ଶଶାଙ୍କ ଶେଖର ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ବୋଲେରୋ ଓଲଟି ଜଣେ ଗୁରୁତର



ଶଙ୍କରାଖୋଲ,୨୦।୧(ଡି.ଏନ୍.ଏ.): ଟିକାବାଲି ଥାନ ଶଙ୍କରାଖୋଲ ଡୁମୁରିନାଳ ପୋଲ ନିକଟରେ ରବିବାର ରାତି ପ୍ରାୟ ୯ଟାରେ ଏକ ବୋଲେରୋ ଓଲଟି ପଡ଼ିବାରୁ ଜଣେ ଗୁରୁତର ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସେମାନେ ହେଲେ କାଲାଗାଁର କେଦାର ନାଥ ଦିଗାଲ ଓ ଚକାପାଦ ପଥରକଟା ଗ୍ରାମର ଭବାନୀ ଶଙ୍କର ସାହାଣି। ପ୍ରକାଶ ଯେ, ବୋଲେରୋରେ ଚାଳକ ସହ ୪ ଜଣ ମିଶି କାବଲଗାଁରୁ ଶଙ୍କରାଖୋଲ ଅଭିମୁଖେ ଆସୁଥିବା ବେଳେ ଡୁମୁରିନାଳ ପୋଲ ନିକଟରେ ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଆହତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଟିକାବାଲି ସ୍ୱାସ୍ଥ୍ୟକେନ୍ଦ୍ର ପରେ ଫୁଲବାଣୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କେଦାରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ଘଟଣାସ୍ଥଳରେ ଟିକାବାଲି ପୋଲିସ ପହଞ୍ଚି ନଂ. ୫/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଥାନାଧିକାରୀ ରେବତୀ ଶବର କହିଛନ୍ତି।

### ମଦ ଜବତ, ପୋଚ ନଷ୍ଟ: ୪ ଗିରଫ



ଦାରିଙ୍ଗବାଡ଼ି,୨୦।୧(ଡି.ଏନ.ଏ.): ଦାରିଙ୍ଗବାଡ଼ି ଥାନା ପକ୍ଷରୁ ସୋମବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମହୁଲ ପୋଚ ନଷ୍ଟ କରାଯିବା ସହ ୩୬୫ ଲିଟର ଦେଶୀ ମଦ ଓ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ବେଆଇନ ଭାବେ ଏହି ମଦ କାରବାର କରୁଥିବା ଅଭିଯୋଗରେ ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶ୍ରୀନିକେତା ପଞ୍ଚାୟତ ଦଣ୍ଡିମା ଗ୍ରାମର ନବୀନ ନାୟକ, ରିମି ବଳିଆର ସିଂ, ଟିମା ମନ୍ତ୍ରୀ ଏବଂ ଗ୍ରୀନବାଡ଼ି ପଞ୍ଚାୟତ ଅଞ୍ଚଳର ରାଜୀବ ନାୟକ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି କୌଶିକ ମାଝି କହିଛନ୍ତି। ଅଭିଯୁକ୍ତମାନଙ୍କ ନାମରେ ପୃଥକ ୪ ମାମଲା (ନଂ.୯,୧୦,୧୧,୧୨/୨୦) ରୁଜୁ ହୋଇଛି। ଅଞ୍ଚଳରେ ଚୋରା ମଦ କାରବାର ଏବଂ ଜଙ୍ଗଲରେ ମହୁଲ ପୋଚ ପୋତି ରଖାଯାଇଥିବା କୌଣସି ସୂତ୍ରରୁ ଖବରପାଇ ଆଇଆଇସିଙ୍କ ସମେତ ସବଇନ୍ସପେକ୍ଟର ଅନିଲ କୁମାର ଦେବତା ଏବଂ ସୌମ୍ୟରଞ୍ଜନ ଜେନା ସଦଳବଳ ଚଢ଼ାଉ କରିଥିଲେ।

# ଫୁଲବାଣୀରେ ହେବ ମେଡିକାଲ କଲେଜ

ଫୁଲବାଣୀ ଅଫିସ, ୨୦।୧

କନ୍ଧମାଳ ଜିଲାବାସୀଙ୍କ ବହୁ ଦିନର ସ୍ୱପ୍ନ ମେଡିକାଲ କଲେଜ ପାଇଁ ପଥ ସୁଗମ ହେବାରେ ଲାଗିଛି। ମେଡିକାଲ କଲେଜ ଘୋଷଣାକୁ ଇତି ମଧ୍ୟରେ ୩ ମାସ ପୁରିଛି। ମେଡିକାଲ କଲେଜ କେଉଁଠି ହେବ ସେନେଇ କଳ୍ପନା ଜଳ୍ପନା ଲାଗି ରହିଥିବାବେଳେ ଫୁଲବାଣୀରେ ହେବ ବୋଲି ପ୍ରଶାସନିକ ସ୍ତରରେ ନିଷ୍ପତି ହୋଇଛି। ଏଥିପାଇଁ ପ୍ରଥମ ପର୍ଯ୍ୟାୟ ସ୍ଥାନ ଚିହ୍ନଟ ପ୍ରକ୍ରିୟା ଏକ ପ୍ରକାର ଶେଷ ହୋଇଛି। ଫୁଲବାଣୀ ସହରଠାରୁ ୨/୩ କିମି ଦୂର ତିଲକପଡା ପାଖରେ ୨୫ ଏକର ପରିମିତ ଜମି ଚିହ୍ନଟ ହୋଇଛି। ଖୁବ୍ କମ୍ ଦିନ ମଧ୍ୟରେ ଜମି ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହେବ। ମେଡିକାଲ କଲେଜ ଅଧିକ୍ଷକ ଏବଂ ଏକ ବୈଷୟିକ ଟିମ୍ ଆସି ଘଟଣାସ୍ଥଳ ପରିଦର୍ଶନ କରି ଗଲେଣି। ସେମାନେ କଲେଜ ପାଇଁ ଆଉ ଅଧିକ ୨୫ ଏକର ସ୍ଥାନ ମାଗିଛନ୍ତି।



ମେଡିକାଲ କଲେଜ ପାଇଁ ପ୍ରସ୍ତାବିତ ସ୍ଥାନ।

- ୨୫ ଏକର ଜମି ଚିହ୍ନଟ
- ପରିଦର୍ଶନ କରି ଗଲେଣି ମେଡିକାଲ କଲେଜ ନିର୍ଦ୍ଦେଶକ
- ୨୦୨୨ରେ ଆଡ୍‌ମିଶନ ଲକ୍ଷ୍ୟ

ଗତ ମାସରେ ମେଡିକାଲ କଲେଜ ନିର୍ଦ୍ଦେଶକ ଡା. ସି.ବି.କେ. ମହାନ୍ତି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ବିଜୟ କୁମାର ମହପାତ୍ର, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆସି ପ୍ରଶାସନ ପକ୍ଷରୁ ପ୍ରସ୍ତାବିତ ଚିହ୍ନଟ ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ସେଠାରେ ମେଡିକାଲ କଲେଜ ହେଲେ କୌଣସି ଅସୁବିଧା ନାହିଁ। ଯେତିକି ସ୍ଥାନ ଯୋଗାଇ ଦିଆଯାଉଛି ବାକି ଆଉ ସେତିକି ଜାଗା ଦେବା ପାଇଁ ଜିଲା ପ୍ରଶାସନକୁ କହିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରାଥମିକ ପର୍ଯ୍ୟାୟରେ ୨୫ ଏକର ସରକାରୀ ଜାଗା ଚିହ୍ନଟ ହୋଇ ତହସିଲଦାରଙ୍କ ପାଖରେ ଆବେଦନ କରାଯାଇଛି। କେବଳ ମେଡିକାଲ କଲେଜ ଏଠାରେ ହେବ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ୫୦୦ ଶଯ୍ୟା ବିଶିଷ୍ଟ କରାଯିବ। ଜମି ହସ୍ତାନ୍ତର ପ୍ରକ୍ରିୟା ଶେଷ ହେଲେ କାମ ଆରମ୍ଭ ହେବ। ୨୦୨୨ ସୁଦ୍ଧା ଡାକ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ରାଜଶ୍ରୀ ପଟ୍ଟନାୟକ ପ୍ରକାଶ କରିଛନ୍ତି।

ଜମି ସଂକ୍ରାନ୍ତରେ ଖଜୁରିପଡା ତହସିଲଦାର ମନୋଜ କୁମାର ପାଢ଼ୀଙ୍କୁ ପଚାରିବାରୁ ମେଡିକାଲ କଲେଜ ପାଇଁ ୨୫ ଏକର ଜମି ଚିହ୍ନଟ ହୋଇଛି। ସେହି ସ୍ଥାନ ପୂର୍ବରୁ ରିଜର୍ଭ ବାଟାଲିୟନ ପାଇଁ ଠିକ୍ କରାଯାଇଥିଲା। ସେତେବେଳେ ସ୍ଥାନୀୟ ଲୋକେ ବାଟାଲିୟନ ସ୍ଥାପନକୁ ବିରୋଧ କରିଥିଲେ। ସେମାନେ ବାଟାଲିୟନ ଏଠାରେ ନ କରିବାକୁ ଓଡିଶା ହାଇକୋର୍ଟରେ ମାମଲା ଦାଏର କରିଥିଲେ। ମେଡିକାଲ କଲେଜକୁ ସେମାନେ ସମର୍ଥନ ଦେଉଛନ୍ତି। ଯେହେତୁ କୋର୍ଟରେ ମାମଲା ରହିଛି ତେଣୁ ଜମି ହସ୍ତାନ୍ତର ପ୍ରକ୍ରିୟାରେ ବିଳମ୍ବ ହେଉଛି। କୋର୍ଟରୁ ମାମଲା ଉଠିବା ପରେ ପଥ ସୁଗମ ହେବ ଏବଂ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ, କନ୍ଧମାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ପ୍ରଥମେ କୁଇ ସମାଜ ସମନ୍ୱୟ ସମିତି ଦାବି କରି ଆସୁଥିଲା। ପରେ ଦାବି ଜୋର ଧରିଥିଲା। ଜିଲାର ବିଭିନ୍ନ ସଙ୍ଗଠନକୁ ନେଇ କନ୍ଧମାଳ ମିଳିତ ନାଗରିକ କମିଟି ଗଠନ ହୋଇ ଦାବିକୁ ଜୋରଦାର କରାଯାଇଥିଲା। ଗତ ଅକ୍ଟୋବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ଜନ୍ମଦିନରେ କନ୍ଧମାଳବାସୀଙ୍କ ଏହି ବହୁପ୍ରତିକ୍ଷୀତ ଆଶା ପୂରଣ କରିଥିଲେ। କନ୍ଧମାଳରେ ୫୦୦ ଶଯ୍ୟା ବିଶିଷ୍ଟ ମେଡିକାଲ କଲେଜ ହେବ ବୋଲି ଘୋଷଣା କରିଥିଲେ।

## କୋଟଗଡ଼ରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି



କୋଟଗଡ଼, ୨୦।୧(ଡି.ଏନ୍.ଏ.)

କୋଟଗଡ଼ ବ୍ଲକ ପରିସରରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ହୋଇଥିଲା। ଏଥିରେ ଜିଲାପାଳ ଡ. ବୃନ୍ଦା ଡି. ଯୋଗଦେଇ ୮୧ଟି ଅଭିଯୋଗ ଶୁଣିଥିଲେ। ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ବାରିକ, ବାଲିଗୁଡ଼ା ପିଏଆଇଟିଡିଏ ଅଧିକାରୀ ରାଜେନ୍ଦ୍ର କୁମାର ରଞ୍ଜିତଙ୍କ ସମେତ ସ୍ୱାସ୍ଥ୍ୟ, ଶିକ୍ଷା, ଉଦ୍ୟାନ, ସମନ୍ୱିତ ଶିଶୁ,ମାତୃ କଲ୍ୟାଣ, ନିର୍ମାଣ ଶ୍ରମିକ ପ୍ରମୁଖ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। କୋଟଗଡ଼ ଅଞ୍ଚଳରେ ବହୁ ମୌଳିକ ସମସ୍ୟା ଥିବା ସତ୍ତ୍ୱେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଲୋକଙ୍କ ଆସ୍ଥା ଭାଜନ ନ ହେବା କାରଣରୁ ଅଭିଯୋଗ ସଂଖ୍ୟା ହ୍ରାସ ପାଉଥିବା ଦେଖିବାକୁ ମିଳୁଛି।

## ସିଏଏ ସପକ୍ଷରେ ରାଲି, ସାଧାରଣ ସଭା




ଭାଜପା କର୍ମକର୍ତ୍ତାମାନେ।

ଫୁଲବାଣୀ ଅଫିସ, ୨୦।୧

ଫୁଲବାଣୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସପକ୍ଷରେ ଏକ ସଚେତନତା ଶୋଭାଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା କର୍ମକର୍ତ୍ତା, ନେତା ଓ କର୍ମୀମାନେ ସ୍ଥାନୀୟ ମାଦିକୁଣ୍ଡା ଛକରୁ ଶୋଭାଯାତ୍ରାରେ ବାହାରି ସିଏଏ ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ପରେ ବିଜୁ ପଟ୍ଟନାୟକ ଛକଠାରେ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ସେଠାରେ ଉପସ୍ଥିତ ଜନ ସାଧାରଣଙ୍କୁ ସିଏଏ କ'ଣ, କାହିଁକି ଏହାକୁ କଂଗ୍ରେସ ସମେତ ବାମପନ୍ଥୀ ଦଳ ବିରୋଧ କରୁଛନ୍ତି ତାହା ଅବଗତ କରାଯାଇଥିଲା। ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ବିଧାୟକ ପ୍ରଦୀପ ପୁରୋହିତ, ଜିଲା ଭାଜପା ସଭାପତି ଜଗନ୍ନାଥ ସାହୁ, ଅର୍ଚ୍ଚନା ପ୍ରଧାନ, ଜିଲା ସାଧାରଣ ସମ୍ପାଦକ ଭଗବାନ ମହାନ୍ତି, ଦେବନାରାୟଣ ପ୍ରଧାନ ପ୍ରମୁଖ ଉକ୍ତ ସଭାରେ ଉପସ୍ଥିତ ରହି ସେମାନଙ୍କ ମତ ରଖିଥିଲେ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

କ. ନୂଆଗାଁ, ୨୦।୧(ଡି.ଏନ୍.ଏ.)

କ.ନୂଆଗାଁରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ୭୧ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମଙ୍ଗଳବାର ଓ ଆସନ୍ତା ବୁଧବାର ଅନୁଷ୍ଠିତ ହେବ। ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଉତ୍ସବ ଦିନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ବୈଠକରେ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର, ବ୍ଲକ ଅଧ୍ୟକ୍ଷା ସୁଲୋଚନା ଦଳ ବେହେରା, ବ୍ଲକ ଉପାଧ୍ୟକ୍ଷ ରଘୁନାଥ ବିଶୋୟୀ, ପ୍ରଫୁଲ୍ଲ ଚନ୍ଦ୍ର ଦାଶଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଅଟୋ-ବୋଲେରୋ ଧକ୍କା: ଜଣେ ମୃତ



ଦୁର୍ଘଟଣାଗ୍ରସ୍ତ ଅଟୋ ଓ ବୋଲେରୋ।

ଜି.ଉଦୟଗିରି,୨୦।୧(ଡି.ଏନ.ଏ.)

### ୩ ଗୁରୁତର

ଜି.ଉଦୟଗିରି ସହରର ଡୁଗୁଡ଼ି ଶଙ୍ଖ ସାହି ରାସ୍ତାରେ ସୋମବାର ଏକ ଅଟୋ ସହ ବୋଲେରୋ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଅଡ଼ାସକୁପା ଗ୍ରାମର କିଶୋର ପ୍ରଧାନ। ଅଟୋ ଚାଳକ ଜି.ଉଦୟଗିରିର ପଙ୍କଜ ପଟ୍ଟନାୟକ, ନନ୍ଦଗିରିର ନିଳିମା ମଲିକ ଓ କଳିଙ୍ଗାର ସାଗରିକା ମଲିକ ଗୁରୁତର ହୋଇଛନ୍ତି। ବୋଲେରୋ ଡ୍ରାଇଭରଙ୍କୁ ପୋଲିସ ଅଟକ ରଖିଛି।

ପ୍ରକାଶ ଯେ, ଅପରାହ୍ନରେ ଅଟୋ ଯାତ୍ରୀଙ୍କୁ ନେଇ କଳିଙ୍ଗା ଅଭିମୁଖେ ଯାଉଥିବା ବେଳେ ବିପରୀତ ପଟୁ ବୋଲେରୋ ଆସି ଡୁଗୁଡ଼ି ଶଙ୍ଖ ସାହି ମଝିରେ ଧକ୍କା ଦେଇ ଏକ ଇଟାଗଦାରେ ପିଟି ହୋଇଯାଇଥିଲା। ଆହତଙ୍କୁ ଉଦ୍ଧାର କରାଯାଇ ଜି.ଉଦୟଗିରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର କିଶୋରଙ୍କୁ ମୃତ ଘୋଷଣା କରିଥିଲେ। ପଙ୍କଜ ଓ ନିଳିମାଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସାଗରିକାଙ୍କୁ ଫୁଲବାଣୀ ହସ୍ପିଟାଲକୁ ପଠାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ଏଏସ୍‌ଆଇ ସୁବାସ ପ୍ରଧାନ କହିଛନ୍ତି।

## କୁଇ ସମାଜ ବାର ଭାୟା କ୍ଲାମ୍ବୁ ବୈଠକ



ଉପସ୍ଥିତ କୁଇ ସମାଜର ମହିଳା ଓ ପୁରୁଷ।

ଶଙ୍କରାଖୋଲ,୨୦।୧ (ଡି.ଏନ୍.ଏ)

ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତ ତେଙ୍ଗେଡାପଥର ଗ୍ରାମରେ ସୋମବାର ବନବାସୀ ଆଶ୍ରମ ଆନୁକୂଲ୍ୟରେ କୁଇସମାଜର ବାର ଭାୟା କ୍ଲାମ୍ବୁର ବୈଠକ ଅନୁଷ୍ଠିତ ହୋଇଥିଲା ଏଥିରେ କାଲୋଟି କ୍ଲାମ୍ବୁର ସଭାପତି ସୁଧୀର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ବପନି, ଶିସିଲି, ବୁଝୁଲି, କଟକି କୁତୁରି, ପାଣ୍ଟୁ, ବାସ୍ତା ପ୍ରମୁଖ ମୁଖିଆମାନେ ଉପସ୍ଥିତ ରହି ନିଜ ନିଜ କ୍ଲାମ୍ବୁ ଉପରେ ମତ ଦେଇଥିଲେ। ଏହା କନ୍ଧ ସମାଜର ସଂସ୍କୃତି ପରମ୍ପରାକୁ ବଜାୟ ରଖିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଆଗାମୀ ମାର୍ଚ୍ଚରେ ଡିମ୍ବୁଲି ମହୋତ୍ସବ କରାଯିବା ପାଇଁ ବାସ୍ତାକ୍ଲାମ୍ବୁର କାମରାଜ କହଁର, ବପନିକ୍ଲାମ୍ବୁର ନିରୋଧ କହଁର, ଟମସି କ୍ଲାମ୍ବୁର ଶ୍ରୀକାନ୍ତ ମଲିକ, ବୁଝୁଲି କ୍ଲାମ୍ବୁର ପ୍ରକାଶ କହଁର, ରାଗାକ୍ଲାମ୍ବୁର ପ୍ରଶାନ୍ତ କହଁର ବୈଠକରେ ନିଷ୍ପତ୍ତି ନେଇଥିଲେ। ବନବାସୀ କଲ୍ୟାଣ ଆଶ୍ରମର ଓଡ଼ିଶାର ଉପସଭାପତି ପବିତ୍ର କହଁର ଯୋଗଦେଇ ବିଭିନ୍ନ ବିଷୟ ଉପରେ କୁଇ ସମାଜକୁ ମାର୍ଗ ଦର୍ଶନ ଦେଇଥିଲେ। ବୈଠକରେ କୁଇ ସମାଜର ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଦିଗପହଣ୍ଡି,୨୦।୧(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜରେ ଗତ ୧୦ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଣତି ପାତ୍ର ସଭାପତିତ୍ୱ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜିକା ତଥା ଅଧ୍ୟାପିକା ଆରତୀ ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ.ଏମ.ରାଜମୋହନ ରାଓ ଯୋଗ ଦେଇଥିଲେ। ସାଂସ୍କୃତିକ ଅନୁଷ୍ଠାନ 'ଇସକଫ'ର ଗଞ୍ଜାମ ଜିଲା ସଭାପତି ତଥା ଆଇନଜୀବି ହରପ୍ରସାଦ ରଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ଆତ୍ମ ସୁରକ୍ଷା ମୁଖପତ୍ର ରିଆକ୍ଟ ଉନ୍ମୋଚିତ ହେବା ସହ ତାଲିମ ଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ଗଞ୍ଜାମ ଜିଲା ସଂଯୋଜକ ଅମୃତ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖପତ୍ର ରିଆକ୍ଟ ଉନ୍ମୋଚନ କରିଥିଲେ।

## ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର କର୍ମକର୍ତ୍ତା ନିର୍ବାଚନ

ବାଲିଗୁଡା,୨୦।୧.(ଡି.ଏନ.ଏ.)

ବାଲିଗୁଡ଼ା ଉପଖଣ୍ଡ ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟର ସଭା ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ସରୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ସଂଘର ସଦସ୍ୟ ପ୍ରଫୁଲ୍ଲ ସିଂ, ଖୋର୍ଦ୍ଧା ସଂଘ ସଭାପତି ଦିନବନ୍ଧୁ ମୁଦୁଲି, ସମ୍ପାଦକ ତ୍ରିନାଥ ସେଠୀ, ଜିଲା ସଭାପତି ବିଷ୍ଣୁ ଚରଣ ମହାକୁଡ଼ ପ୍ରମୁଖଙ୍କ ଉପସ୍ଥିତିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ଲାଞ୍ଜୁକା ପ୍ରଧାନ, ସଭାପତି ଭାବେ ପାର୍ଥବ ନାଇକ, ଉପ ସଭାପତି ଭାବେ ଗୋପୀନାଥ ପାତ୍ର, ସନ୍ତୋଷ ନନ୍ଦ, ସମ୍ପାଦକ ବିନୋଦ ଚନ୍ଦ୍ର ପଟ୍ଟନାୟକ,ସହ ସମ୍ପାଦକ ଭାବେ ଶିଶିର କୁମାର ପରିଚ୍ଛା, କୋଷାଧ୍ୟକ୍ଷ ଭାବେ ନାରାୟଣ ପ୍ରଧାନ ଏବଂ ସମୀକ୍ଷକ ଭାବେ ବୀବସ୍ୱ ନାୟକ ନିର୍ବାଚିତ ହୋଇଥିଲେ। ପାର୍ଥବ ନାଇକ ସଭା ପରିଚାଳନା କରିଥିଲେ। ଏ ନେଇ ପରେ ରାଜ୍ୟ ସରକାରଙ୍କ ନିକଟରେ ୫ଦଫା ଦାବୀ ଉପସ୍ଥାପନା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ଦାବିଗୁଡିକ ମଧ୍ୟରେ ଅବସର ସମୟ ସୀମା ୬୦ରୁ ୬୨ ବୟସକୁ ବୃଦ୍ଧି, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ୭ମ ବେତନ କମିଶନ ଅର୍ଥ ନିୟମିତ ପ୍ରଦାନ, ମହଙ୍ଗା ଭତ୍ତା ଦେବାରେ ଟାଳଟୁଳ ନୀତିକୁ ବିରୋଧ, ମୃତ୍ୟୁ କିମ୍ବା ବିକଳାଙ୍ଗ କର୍ମଚାରୀ ମାନଙ୍କର ପରିବାରର ଜଣକୁ ନିୟମିତ କରିବା ଆଦି ରହିଛି।



ଉପସ୍ଥିତ ରାଜ୍ୟ ସଭାପତି ଓ ଅନ୍ୟମାନେ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ରାଇକିଆ,୨୦।୧(ଡ଼ି.ଏନ.ଏ)

ରାଇକିଆ ଜୀବନ ଜ୍ୟୋତି କଲେଜରେ ଚାଲିଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ପ୍ରଦୀପ ନାୟକ, ଅଧ୍ୟାପକ ଦିବାକର ଦାଶ, ପ୍ରଭାକର ରାଜୁ, ଦିଲୀପ ନାୟକ, ସୁରେଶ ପାଢୀ ଯୋଗ ଦେଇଥିଲେ। ଶିବିରରେ ପର୍ଯ୍ୟାୟକ୍ରମେ ୩୦୦ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ନେଇଥିଲେ। ପ୍ରଶିକ୍ଷକ ଭାବେ ସୁନେଲି ପଲେଇ, ମାମିନା ନାୟକ, ସରିତା ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରୋଗ୍ରାମ ଅଫିସର ନରେନ୍ଦ୍ର ଭୋଳ, ଉମାକାନ୍ତ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉପସ୍ଥିତ ଅତିଥିବୃନ୍ଦ।

# ଓଡ଼ିଶା ନିର୍ମାଣ ସଂଘର ବିକ୍ଷୋଭ

ଫୁଲବାଣୀ ଅଫିସ, ୨୦।୧

ବିଭିନ୍ନ ଦାବି ନେଇ ଓଡିଶା ନିର୍ମାଣ ସଂଘ କନ୍ଧମାଳ ଶାଖା ପକ୍ଷରୁ ଫୁଲବାଣୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମାଦିକୁଣ୍ଡା ଛକଠାରେ ଶ୍ରମିକମାନେ ଏକାଠି ହୋଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ପାଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରାଯାଇଛି। ନିର୍ମାଣ ଶ୍ରମିକମାନେ ସବୁବେଳେ ଅବହେଳିତ ହୋଇ ରହୁଛନ୍ତି। ପ୍ରକୃତ ନିର୍ମାଣ ଶ୍ରମିକ ସରକାରୀ ସୁବିଧା ପାଇଁ ପରିଚୟପତ୍ର ପାଇ ପାରୁନାହାନ୍ତି। ନିର୍ମାଣ ଶ୍ରମିକ ନ ଥିବା ତଥା ସ୍ୱଚ୍ଛଳ ବର୍ଗର ଲୋକେ ଟଙ୍କା ଦେଇ ବେଆଇନ ଭାବେ ଏହା ହାତେଇଛନ୍ତି। ଏହାର ତଦନ୍ତ କରି ତୁରନ୍ତ ସେମାନଙ୍କ ପରିଚୟପତ୍ର ରଦ୍ଦ କରିବାକୁ ଶ୍ରମିକନେତା ତଥା ସଂଘ ଜିଲା ଆବାହକ ଜନବାଦୀ ଗୌଡ, ନକୁଳ ପ୍ରଧାନ, ସୁକାନ୍ତ ଦିଗାଲ, ଦାମୋଦର କହଁର, ଶତ୍ରୁଘନ ମଲ୍ଲିକ, ପ୍ରକାଶ ଚନ୍ଦ୍ର ନାୟକ, ସୁଧାଂଶୁ ପ୍ରଧାନ ପ୍ରକାଶ କରିଛନ୍ତି।

ଏଥିସହ ଜିଲାରେ ଖାଲି ପଡିଥିବା ଶ୍ରମ ଅଧିକାରୀ ପଦବୀ ତୁରନ୍ତ ପୂରଣ କରିବା, ବର୍ଷ ବର୍ଷ ଧରି ପଡି ରହିଥିବା ନାମ ପଞ୍ଜୀକରଣ ପରିଚୟପତ୍ର ଫର୍ମ ତୁରନ୍ତ କାର୍ଯ୍ୟକାରୀ କରି ପରିଚୟପତ୍ର ପ୍ରଦାନ କରିବା, କନ୍ଧମାଳ ଜିଲାକୁ ପ୍ରବାସୀ ଶ୍ରମିକ କଲ୍ୟାଣ ଯୋଜନାରେ ସାମିଲ କରାଯାଇ ବର୍ଷକୁ ୨୦୦ ଦିନ କାର୍ଯ୍ୟ ଯୋଗାଇଦେବା, ଫୁଲବାଣୀ, ଜି.ଉଦୟଗିରି ଏବଂ ବାଲିଗୁଡାରେ ନିର୍ମାଣ ଶ୍ରମିକ ଭବନ ନିର୍ମାଣ କରିବା ଆଦି ଦାବି ସମ୍ପର୍କରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି।




ନିର୍ମାଣ ଶ୍ରମିକମାନେ।

## ସଂକ୍ଷେପରେ

### ଗାଡ଼ି ସହ କାଠ ଜବତ



**ଭଞ୍ଜନଗର,୨୦।୧(ଡି.ଏନ.ଏ):** ମୁଜାଗଡ଼ ରେଞ୍ଜ ପକ୍ଷରୁ ରବିବାର ରାତିରେ ଚୋରା ଶାଗୁଆନ କାଠ ବୋଝେଇ ଏକ ଗାଡ଼ି ଜବତ କରାଯାଇଛି। ଜବତ ହୋଇଥିବା ପିକ୍‌ଅପ୍ ଭ୍ୟାନର ଚାଳକ ଓ କାଠ ଚାଲାଣକାରୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ରବିବାର ବିଳମ୍ବିତ ରାତିରେ ଉଲିଙ୍ଗିଆ ରାସ୍ତାରେ ଥିବା ଜଙ୍ଗଲରୁ କେହି ଶାଗୁଆନ ଗଛ କାଟୁଥିବା ରେଞ୍ଜର ଆଶାଲତା ଦିଗାଲ ସୂଚନା ପାଇଥିଲେ। ଅଭିଯୁକ୍ତମାନଙ୍କୁ କାବୁ କରିବା ପାଇଁ ବନପାଳ ରାମେଶ୍ୱରୀ ସାହୁଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପରେ ସେଠାରେ ଚଢ଼ାଉ କରିବାକୁ କର୍ମଚାରୀମାନେ ଯାଇଥିବା ବେଳେ ବନ ବିଭାଗ ଗାଡ଼ି ଲାଇଟ୍ ଦେଖି ଅଭିଯୁକ୍ତମାନେ ଆଣିଥିବା ପିକ୍‌ଅପ ଭ୍ୟାନକୁ ଛାଡ଼ି ପଳାଇଥିଲେ।

### ଭାଷଣ ପ୍ରସ୍ତୁତି, ବ୍ୟକ୍ତିତ୍ୱ ଗଠନ କର୍ମଶାଳା




**ଗୋପାଳପୁର,୨୦।୧:** ଗୋପାଳପୁର କଲେଜରେ ଆଇକ୍ୟୁଏସି ସେଲ ପକ୍ଷରୁ ଦୁଇଦିନିଆ ଭାଷଣ ପ୍ରସ୍ତୁତି ଓ ବ୍ୟକ୍ତିତ୍ୱ ଗଠନ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାକୁ ଅଧକ୍ଷ ରମାକାନ୍ତ ଚୌଧୁରୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆଇକ୍ୟୁଏସି ସଂଯୋଜକ ଡ. ରଞ୍ଜିତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଅଧାପକ ଡ. ମାନସ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟଅତିଥି ଭାବେ ତାଲିମ ପରିଚାଳକ ପିଡିସି ଭୁବନେଶ୍ୱର ସୁଧୀର କୁମାର ଦାସ, ନାକ୍ ସଂଯୋଜକ ଲକ୍ଷ୍ମଣ ପାଲ, କଲେଜ ପ୍ରଶାସକ ଡ. ପୀତାମ୍ବର ବିଷୋୟୀ, ଯୁବ ରେଡ଼କ୍ରସ ଅଧିକାରୀ ଡ. ରାମଚନ୍ଦ୍ର ଜେନା ପ୍ରମୁଖ କର୍ମଶାଳାର ଉଦ୍ଦେଶ୍ୟ ତଥା ସାମ୍ପ୍ରତିକ ସ୍ଥିତିରେ ଛାତ୍ରଙ୍କ ଭୂମିକା ଉପରେ କହିଥିଲେ। ମଙ୍ଗଳବାର କର୍ମଶାଳା ଉଦ୍‌ଯାପିତ ହେବ ଏବଂ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯିବ। ଶେଷରେ ଡ. ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ବୈଠକ



**ଖଲ୍ଲିକୋଟ,୨୦।୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ପଞ୍ଚାୟତରେ ମାଘ ଶୁକ୍ଳ ସପ୍ତମୀରେ ହେବାକୁ ଥିବା ଶକଳେଶ୍ୱର ଓ ଗୁପ୍ତେଶ୍ୱରଙ୍କ ହରିହର ଭେଟ ଯାତ୍ରା ଉପରେ ରବିବାର ଆଲୋଚନା ହୋଇଥିଲା। ସରପଞ୍ଚ ରବି ସେଠୀଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କେଶପୁର ବଜାର କମିଟି ସଭାପତି ଜୋତିଷ କୁମାର ନନ୍ଦ, ଉପସଭାପତି ଦୀନବନ୍ଧୁ ତରାଇ, ବ୍ୟବସାୟୀ ସଂଘର କର୍ମକର୍ତ୍ତା ଅର୍ଜୁନ ସାହୁ, ଲକ୍ଷ୍ମଣ ରଥ, ବୀର ହନୁମାନ କ୍ଲବର କହ୍ନେଇ ତରେଇ, ପ୍ରତ୍ୟେକ ୱାର୍ଡମେମ୍ବର ଉପସ୍ଥିତ ଥିଲେ। ଯାତ୍ରା ସମୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ବହୁ ଲୋକ ଉପସ୍ଥିତ ଥିଲେ।

# ରାଜନୈତିକ ଉଦାସୀନତାରୁ ହୋଇପାରୁନି ବିକାଶ

**ଅବହେଳିତ ଦିଗପହଣ୍ଡି ସଦର ମହକୁମା**

**ସବ୍‌ଡିଭିଜନ ମାନ୍ୟତା ଦାବି**

**ଦିଗପହଣ୍ଡି,୨୦।୧(ଡି.ଏନ.ଏ.)**

ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ସଦର ମହକୁମା ରାଜନୈତିକ ଓ ପ୍ରଶାସନିକ ଅଣଦେଖା କାରଣରୁ ପ୍ରତିଟି କ୍ଷେତ୍ରରେ ଅବହେଳିତ ହୋଇ ପଡ଼ିରହିଛି। ଆଶା ଏବଂ ଆକାଂକ୍ଷିତ ବିକାଶ ଠାରୁ ଦିଗପହଣ୍ଡି ସହର ବହୁ ପଛରେ ପଡ଼ିଥିବା ଅଭିଯୋଗ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ, ପରିମଳ ଓ ସାମଗ୍ରିକ ଉନ୍ନୟନ କ୍ଷେତ୍ରରେ ସଦର ମହକୁମାଟି ଯଥେଷ୍ଟ ପଛରେ। ଜିଲାର ଅନ୍ୟ ସହର ତୁଳନାରେ ଦୀର୍ଘ ଦିନ ହେଲା ଏହି ଅଞ୍ଚଳର ଆଶାନୁରୂପ ବିକାଶ ହୋଇପାରୁନି। ପାର୍କ କିମ୍ବା ଅବସର ବିନୋଦନ କେନ୍ଦ୍ରଟିଏ ନାହିଁ। ଅନେକ ବର୍ଷର ଐତିହ୍ୟ ବହନ କରୁଥିବା ବଡଖେମୁଣ୍ଡିଗଡ ତଥା ଦିଗପହଣ୍ଡି ରାଜା ରାଜୁଡ଼ା ଶାସନ ସମୟରେ ଜିଲାର ତତ୍କାଳୀନ ଗଡ଼ଜାତ ମଧ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ଓ ପତିଆରା ସୃଷ୍ଟି କରିପାରିଥିଲା। ଖେମୁଣ୍ଡି ରାଜବଂଶର ଇତିହାସକୁ ଅନୁଧ୍ୟାନ କଲେ ଇଂରେଜ ଶାସନ ସମୟରେ ମଧ୍ୟ ଦିଗପହଣ୍ଡି ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ବ୍ୟବସ୍ଥାର ଏକ ମହତ୍ତ୍ୱପୂର୍ଣ୍ଣ ପୀଠ ଭାବେ ବିବେଚିତ ହୋଇଥିଲା। ଏଠାରେ ପ୍ରଜାମଣ୍ଡଳ ଆନ୍ଦୋଳନ, ସ୍ୱାଧୀନତା ପାଇଁ ସତ୍ୟାଗ୍ରହ ସହ ଚାଷୀଙ୍କୁ ନେଇ ରୟତ ଆନ୍ଦୋଳନ ସୃଷ୍ଟି ହୋଇ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି କରିଥିଲା। ଦିଗପହଣ୍ଡି, ଚିକିଟି, କୁକୁଡ଼ାଖଣ୍ଡି, ସାନଖେମୁଣ୍ଡି ସମେତ ସୀମାନ୍ତବର୍ତ୍ତି ଗଜପତି ଜିଲାର ମୋହନା, ଆର୍.ଉଦୟଗିରି, ରାୟଗଡ଼ ବ୍ଲକର ବହୁସଂଖ୍ୟକ ଜନସାଧାରଣ ନିର୍ଭର କରନ୍ତି ଦିଗପହଣ୍ଡିରେ ଥିବା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ। କିନ୍ତୁ ବିଡମ୍ବନାର ବିଷୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୁକୁର ଓ ସାପ କାମୁଡା ଇଞ୍ଜେକ୍ସନ ମିଳେ ନାହିଁ। ଏଠାରେ ଶିଶୁରୋଗ, ଅସ୍ଥିଶଲ୍ୟ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ସମେତ ଆବଶ୍ୟକ ଡାକ୍ତର, ନର୍ସ ଓ କର୍ମଚାରୀ ନାହାନ୍ତି। ଗତ ଅର୍ଥନୈତିକ ଜନଗଣନା ସର୍ଭେ ରିପୋର୍ଟ ଅନୁଯାୟୀ ସହର ଓ ବ୍ଲକ ଅଧିନ ଗ୍ରାମାଞ୍ଚଳରେ ୭୪ ଭାଗ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ। ନିଶ୍ଚିତ ଜଳସେଚନର ହାର ମାତ୍ର ୩ ପ୍ରତିଶତ ରହିଛି ଓ ଆବଶ୍ୟକ ଜଳସେଚନର ଅଭାବରୁ ବର୍ଷା ନହେଲେ ମରୁଡି ସୁନିଶ୍ଚିତ। ସାଧାରଣ ଲୋକଙ୍କ ବିକାଶ ନହେବା ପଛରେ ରାଜନୈତିକ ଉଦାସୀନତା ମୁଖ୍ୟତଃ ଦାୟୀ। ଗ୍ରାମାଞ୍ଚଳ ମାନଙ୍କରେ ପାନୀୟଜଳ ଓ ଜଳସେଚନ ସମସ୍ୟା ସମେତ ବେକାରୀ ସମସ୍ୟା ଦୂର କରିବାରେ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି। ଦିଗପହଣ୍ଡି ସହରରେ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ଥାନା, କୋର୍ଟ, ସବରେଜିଷ୍ଟ୍ରାର କାର୍ଯ୍ୟାଳୟ, ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଜାତୀୟକରଣ ବ୍ୟାଙ୍କ, ସମବାୟ ବ୍ୟାଙ୍କ, ସବ୍‌ଜେଲ, ଜଳସେଚନ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ବିଭାଗ, ଦୂର ସଞ୍ଚାର ନିଗମ କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୨ଟି କଲେଜ, ୧୦ଟି ସରକାରୀ ସ୍କୁଲ, ୮ ବେସରକାରୀ ସ୍କୁଲ ସମେତ ବହୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ଏହିସବୁ ସ୍କୁଲ କଲେଜକୁ ଛାତ୍ରୀଛାତ୍ର ଓ ବିଭିନ୍ନ କାର୍ଯ୍ୟାଳୟକୁ ହଜାର ହଜାର ସଂଖ୍ୟାରେ ଲୋକ ପ୍ରତିଦିନ ଦିଗପହଣ୍ଡିକୁ ଯାତାୟାତ କରିଥାନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ପୁଞ୍ଜିକଁ୍ୟା ଛକ, ବସଷ୍ଟାଣ୍ଡ କିମ୍ବା ଅନ୍ୟ ସ୍ଥାନରେ ଗୋଟିଏ ହେଲେ ଯାତ୍ରୀ ବିଶ୍ରାମାଗାର ନାହିଁ। ଫଳରେ ଲୋକେ ଖରା, ବର୍ଷା, ଶୀତ କାକରରେ ବିଭିନ୍ନ ଦୋକାନ ବାରଣ୍ଡାରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ସେହିପରି ସାଧାରଣ ଜନତାଙ୍କ ପାଇଁ ବସଷ୍ଟାଣ୍ଡ ମୁଖ୍ୟ ରାସ୍ତା ଟାଉନ ଛକ ନିକଟରେ ଶୌଚାଳୟ ନିର୍ମାଣ ସରିଥିଲେ ମଧ୍ୟ ବିଦ୍ୟୁତ ସଂଯୋଗ ନହେବା କାରଣରୁ ଦୀର୍ଘଦିନ ହେଲା ତାଲା ପଡ଼ିଛି। ସେହିପରି ସହର ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ସୁଦୃଢ଼ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ବର୍ଷା ହେଲେ ନର୍ଦ୍ଦମା ଜଳ ରାସ୍ତାକୁ ଆସିବାରୁ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ସରକାରୀ ଧନ୍ଦାମୂଳକ ପାଠ୍ୟକ୍ରମ ପାଇଁ ଆଇଟିଆଇ କିମ୍ବା କୌଣସି ବୈଷୟିକ ଶିକ୍ଷାନୁଷ୍ଠାନ ନଥିବାରୁ ବହୁ ସଂଖ୍ୟକ ବେକାର ଯୁବକ କର୍ମନିଯୁକ୍ତି ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଦିଗପହଣ୍ଡିରେ ଅତିରିକ୍ତ ଜିଲା ଜଜ୍ କୋର୍ଟ ପ୍ରତିଷ୍ଠା ପାଇଁ ଜମି ଚିହ୍ନଟ କରାଯାଇ କୋଠା ନିର୍ମାଣର ଡ୍ରଇଂ ଡିଜାଇନକୁ ପ୍ରଶାସନିକ ଅନୁମୋଦନ ମିଳିଥିବାବେଳେ ରାଜନୈତିକ ଉଦାସୀନତା କାରଣରୁ ସରକାରୀ ସ୍ତରରେ ବିଜ୍ଞପ୍ତି ପ୍ରକାଶ ପାଇ ନ ଥିବା ଜଣାପଡ଼ିଛି। ଭୌଗୋଳିକ ଦୃଷ୍ଟିକୋଣରୁ ବିଚାର କଲେ ଚିକିଟି, ପାତ୍ରପୁର, କୁକୁଡ଼ାଖଣ୍ଡି, ସାନଖେମୁଣ୍ଡି ବ୍ଲକ ପରିସୀମାକୁ ନେଇ ଦିଗପହଣ୍ଡି ଠାରେ ସବ୍‌ଡିଭିଜନ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ଗତ ପ୍ରାୟ ୩ ବର୍ଷ ପୂର୍ବେ ସ୍ଥାନୀୟ ଖେମୁଣ୍ଡି ଓକିଲ ସଂଘ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଯାଇଥିଲା। ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଇନାହିଁ। ଦିଗପହଣ୍ଡିକୁ ରାଜସ୍ୱ ସବ୍‌ଡିଭିଜନର ମାନ୍ୟତା ପ୍ରଦାନ ପାଇଁ ଗଣ ଆନ୍ଦୋଳନ କରାଯିବ ବୋଲି ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ପ୍ରତିକ୍ରିୟାରେ କହିଛନ୍ତି।




### ସେମାନେ ଯାହା କୁହନ୍ତି

**ପି. ଶିବଶଙ୍କର (ଆଇନଜୀବୀ):** ଦିଗପହଣ୍ଡି ସହରକୁ ରାଜସ୍ୱ ଉପଖଣ୍ଡର ମାନ୍ୟତା ମିଳିବା ଉଚିତ। ସାଧାରଣ ଲୋକଙ୍କ ବିକାଶ ନହେବା ପଛରେ ରାଜନୈତିକ ଉଦାସୀନତା ଦାୟୀ। ଗ୍ରାମାଞ୍ଚଳ ମାନଙ୍କରେ ସରକାର ଜଳସେଚନ ଓ ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ପ୍ରାଥମିକତା ଦେବା ଉଚିତ।

**କୁରେଶୁ ମହାରଣା (ସାମାଜିକ କର୍ମୀ):** ପ୍ରତିଟି କ୍ଷେତ୍ରରେ ନକରାତ୍ମକ ମନୋଭାବ ଦିଗପହଣ୍ଡିର ବୃହତ ସ୍ୱାର୍ଥକୁ ବିପଦ ମଧ୍ୟକୁ ଠେଲି ଦେଉଛି। ଆବଶ୍ୟକ ଅନୁଯାୟୀ ପ୍ରଥମେ ଅଞ୍ଚଳର ଉନ୍ନୟନକୁ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଧ୍ୟାନ ଦେବା ଦରକାର।

**ଭି.ପୁଷ୍ପାଞ୍ଜଳି ରାଜୁ (ପୂର୍ବତନ ଏନ୍‌ଏସି ଅଧକ୍ଷା):** ଦିଗପହଣ୍ଡି ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ସମସ୍ତ ରାଜନୈତିକ ଦଳର ନେତୃବୃନ୍ଦ ଏକାଠି ହେବାର ସମୟ ଆସିଛି। ସ୍ୱାସ୍ଥ୍ୟକେନ୍ଦ୍ର ମାନଙ୍କରେ ବର୍ଷସାରା ଡାକ୍ତର ପଦବୀ ଖାଲି ପଡୁଛି। ସମସ୍ୟା ସମାଧାନ କ୍ଷେତ୍ରରେ ରାଜନୈତିକ ସଦିଚ୍ଛା ପ୍ରକାଶ ପାଉନାହିଁ।

**ଉଦୟନାଥ ସାମନ୍ତ (ବ୍ୟବସାୟୀ):** ବିକାଶ ପାଇଁ ସବୁ ରାଜନୈତିକ ଦଳ କାନ୍ଦୁଛନ୍ତି। କିନ୍ତୁ କାହାରି ଆଖିରେ ଲୁହ ନାହିଁ। ଦିଗପହଣ୍ଡି ଅଞ୍ଚଳରେ ଅତିକମରେ ଦୈନିକ ୩ କୋଟି ଟଙ୍କାର ବ୍ୟବସାୟିକ କାରବାର ହେଉଛି। ବିଡମ୍ବନାର ବିଷୟ ବ୍ୟବସାୟୀଙ୍କ ସୁରକ୍ଷା ଦିଗରେ ସମସ୍ତେ ନୀରବ। ସମସ୍ତ ବଜାର ଓ ବସଷ୍ଟାଣ୍ଡ ଅଞ୍ଚଳକୁ ସିସିଟିଭି ସର୍ଭିଲାନ୍ସରେ ରଖିବାକୁ ପୋଲିସ ପ୍ରଶାସନିକ ସ୍ତରରେ ପଦକ୍ଷେପ ନେବା ଜରୁରୀ।

**ସଦାନନ୍ଦ ଦୋରା (ଚାଷୀ):** ସମଗ୍ର ନିର୍ବାଚନ ମଣ୍ଡଳୀ କୃଷି କ୍ଷେତ୍ରରେ ଅନଗ୍ରସର। ଚାଷୀଙ୍କ ପାଇଁ ବହୁମୁଖି ଯୋଜନା କେବଳ କାଗଜପତ୍ରରେ ସୀମିତ। ଏନେଇ କୌଣସି ରାଜନୈତିକ ଦଳର ନେତୃବୃନ୍ଦ ପାଟି ନ ଖୋଲିବା ଯେତିକି ଆଶ୍ଚର୍ଯ୍ୟ ସେତିକି କୌତୁହଳପ୍ରଦ। କେବଳ ନିର୍ବାଚନ ଆସିଲେ ସେମାନଙ୍କୁ ଚାଷୀଙ୍କ କଥା ମନେ ପଡୁଛି।

## ଆଜିଠାରୁ ଖେମୁଣ୍ଡି ମହୋତ୍ସବ

**ବାଚସ୍ପତି କରିବେ ଉଦ୍‌ଘାଟନ**

**ଦିଗପହଣ୍ଡି,୨୦।୧(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡ଼ିଆରେ ମଙ୍ଗଳବାରଠାରୁ ଖେମୁଣ୍ଡି ମହୋତ୍ସବ ଆରମ୍ଭ ହେବ। ୨୫ ତାରିଖ ଶନିବାର ଯାଏ ହେବାକୁ ଥିବା ଏହି ମହୋତ୍ସବ ନିମନ୍ତେ ସମସ୍ତ ପ୍ରସ୍ତୁତି ସରିଛି। ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ଅଧିକାରୀ ଇଂ. ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଉପସ୍ଥିତିରେ ସୋମବାର ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସ୍ଥାନୀୟ ମହୋତ୍ସବ ସ୍ଥଳରେ ମହୋତ୍ସବ କମିଟି ଆବାହକ ତଥା ବିଡିଓ ହଳଧର ଶବରଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଅଭ୍ୟର୍ଥନା ସମିତି ଉପସଭାପତି ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଅଧକ୍ଷତା କରିଥିଲେ। ସମ୍ପାଦକ ତଥା ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ତଥା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ଗଙ୍ଗାଧର ଲେଙ୍କାଙ୍କ ସମେତ ସ୍ଥାନୀୟ ବିଭିନ୍ନ ସରକାରୀ କାର୍ଯ୍ୟାଳୟର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ବୃନ୍ଦ ସଭାରେ ଉପସ୍ଥିତ ଥିଲେ। ମହୋତ୍ସବକୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଡ.ସୂର୍ଯ୍ୟନାରାୟଣ ପାତ୍ର ଉଦ୍‌ଘାଟନ କରିବେ। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସମ୍ମାନିତ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୫ ଦିନ ବ୍ୟାପୀ ମହୋତ୍ସବର ସନ୍ଧ୍ୟାରେ ସିନେ ଅଭିନେତା ତଥା ପୂର୍ବତନ ଏମ୍‌ପି ଡ.ସିଦ୍ଧାନ୍ତ ମହାପାତ୍ର, ଅଭିନେତ୍ରୀ ଅନୁଭା ପଣ୍ଡାଙ୍କ ସମେତ କଣ୍ଠଶିଳ୍ପୀ ଅଭିଜିତ ମଜୁମଦାର, ଅନ୍ତରା ଚକ୍ରବର୍ତ୍ତୀ, ରାଜ ବର୍ମନ୍, ତାରିକ ଅଜିଜ୍, ଗୌତମ ଗିରି, ସୋନମ ଦାସ, ନଭ୍ୟା ଯାଇତି, ଆଶୁତୋଷ ମହାନ୍ତିଙ୍କ ସମେତ ବଲିଉଡ ଏବଂ ଓଲିଉଡ୍‌ର ବହୁ ନାମୀଦାମୀ କଳାକାର ଯୋଗଦେବେ ବୋଲି ବିଡ଼ିଓ କହିଛନ୍ତି।



କମିଟି ସଦସ୍ୟଙ୍କ ଉପସ୍ଥିତିରେ ଆଲୋଚନା ସଭା।

## ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ବୁଗୁଡ଼ା,୨୦।୧(ଡି.ଏନ.ଏ.)**

ବୁଗୁଡ଼ା ଏନ୍‌ଏସି ଶ୍ରୀ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାରରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହାକୁ ବିଇଓ ରସାନନ୍ଦ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀରେ ଭାରପ୍ରାପ୍ତପ୍ରଧାନଶିକ୍ଷକଏମ୍.ଯୋଗେଶ୍ୱର ଦୋରା ଅଧକ୍ଷତା କରିଥିଲେ। ଶିକ୍ଷାବିତ କାଳୀଚରଣ ଦାଶ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସମ୍ବଲ ଶିକ୍ଷକ ଅମିୟ ରଞ୍ଜନ ଭୂୟାଁ, ବିଭୁ ପ୍ରସାଦ ନନ୍ଦ, ସଂଘମିତ୍ରା ରଥ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପାଢ଼ୀ ଧନ୍ୟବାଦ ଦେଇଥିଲେ। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିବା ବେଳେ ଶତାଧିକ ଛାତ୍ରୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା।

## ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା

**ଉତ୍ତର ଘୁମୁସର ବନଖଣ୍ଡର ବନପାଳ ଚାମ୍ପିୟନ**

**ଭଞ୍ଜନଗର,୨୦।୧(ଡି.ଏନ.ଏ)**

ପ୍ରତିବର୍ଷ ଭଳି ଚଳିତବର୍ଷ ବ୍ରହ୍ମପୁରଠାରେ ଜୋନସ୍ତରୀୟ ବନ ବିଭାଗ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବନପାଳ ଶରତ ମହାନ୍ତି ଲଗାତର ତୃତୀୟ ବର୍ଷ ପାଇଁ ଚାମ୍ପିୟନ ହୋଇଛନ୍ତି। ସେହିପରି ଏହି ବନଖଣ୍ଡର ଡ୍ରାଇଭର ବିଜୟ କୁମାର ଦାସ ୫୦୦୦ ମିଟର, ଜାଭଲିନ୍ ଥ୍ରୋ, ସଟ୍‌ପୁଟ ଓ ୧୫୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଭାଗନେଇ ପୁରସ୍କୃତ ହୋଇଥିଲେ।



ପଦକ ସହ ଶରତ ମହାନ୍ତି।

## ଜିଲାପାଳଙ୍କ ୩୩୭ ଅଭିଯୋଗ ଶୁଣାଣି

**ଭଞ୍ଜନଗର,୨୦।୧(ଡି.ଏନ.ଏ)**

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣାଣି କରିଛନ୍ତି। ଜିଲାପାଳଙ୍କ ନିକଟକୁ ମୋଟ ୩୩୭ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୭ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଅଧିକାଂଶ ଭତ୍ତା, ପକ୍କା ଘର ଯୋଜନା ସମ୍ପର୍କିତ ଅଭିଯୋଗ ଆସିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୨ ଜଣଙ୍କୁ ୫୦ ହଜାର ଏବଂ ରେଡ଼କ୍ରସ ଫଣ୍ଡରୁ ୫ ଜଣଙ୍କୁ ୨୩ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ଅଭିଯୋଗ ଶୁଣାଣି ସମୟରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ, ପ୍ରୋବେଶନ ଆଇଏଏସ କିର୍ତ୍ତୀ ଭାଷନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ଅଭିଯୋଗ ଶୁଣାଣି କରୁଛନ୍ତି।

## ମଥୁରାରେ ସ୍ୱଚ୍ଛ, ସୁସ୍ଥ ଭାରତ କାର୍ଯ୍ୟକ୍ରମ

**ହାତୀଓଟ,୨୦।୧**

ନେହେରୁ ଯୁବକେନ୍ଦ୍ର ପୋଲସରା ଶାଖା ତରଫରୁ ମଥୁରା ଗ୍ରାମରେ ସ୍ୱଚ୍ଛ ଭାରତ ଓ ସୁସ୍ଥ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟସ୍ଥ ମାର୍ଦ୍ଧି ପୀଠରେ ସ୍ୱେଚ୍ଛାସେବୀ ପ୍ରମୋଦ ପାତ୍ର ଓ ସିତୁନ୍ ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେଇ ମନ୍ଦିର ପରିସରକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ। ପୋଲସରା କଲେଜ ଅଧ୍ୟାପିକା ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ସବୁଜମୈତ୍ରୀ ପାଠାଗାରର ସଭାପତି ପ୍ରଭାତ ସାସମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାଇକେଲ ଶୋଭାଯାତ୍ରା ହୋଇଥିଲା।

## ଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ



ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ।

**ବେଗୁନିଆପଡ଼ା,୨୦।୧(ଡି.ଏନ.ଏ.)**

ବେଗୁନିଆପଡ଼ା ବ୍ଲକ ଚନ୍ଦନପୁର ପଞ୍ଚାୟତର ଏମ.ନୂଆପଲ୍ଲୀ ଶ୍ରୀ ଅରବିନ୍ଦ– ଶ୍ରୀତନୁ–ସ୍ମାରକୀ ଦଶମ ପୁଣ୍ୟ ପ୍ରତିଷ୍ଠା ଦିବସ ଓ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ୧୮ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ଆସ୍କୁହା ମଣ୍ଡଳ ପାଠଚକ୍ର ଆବାହକ ଭାଗୀରଥୀ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଜୋନାଲ ସଂଯୋଜକ ଲଲାଟେନ୍ଦୁ ସାମନ୍ତ, ଜିଲା ପାଠଚକ୍ର ଆବାହକ ଶଶଧର ବେହେରା ଯୋଗଦେଇ ଶ୍ରୀ ଅରବିନ୍ଦଙ୍କ ଶିକ୍ଷା ପଦ୍ଧତି ଉପରେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଗୋବିନ୍ଦ ଜେନା ସଭା ପରିଚାଳନା କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସକାଳେ ସମବେତ ଧ୍ୟାନ, ମାର୍ଚ୍ଚପାଷ୍ଟ, ଅପରାହ୍ନରେ ଶାରୀରିକ କ୍ରୀଡ଼ା କୌଶଳ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ଅଧିବେଶନ

**ଧରାକୋଟ,୨୦।୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଅବସରପ୍ରାପ୍ତ କର୍ମଚାରୀ ସଂଘ ଧରାକୋଟ ଶାଖା ତରଫରୁ ବାଲ୍ମୀକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦ୍ୱିତୀୟ ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ନାଗରିକ ଫୋରମର ଜିଲା ସଭାପତି ରାସ ବିହାରୀ ଦାଶ ମୁଖ୍ୟଅତିଥି, ସୀମାଞ୍ଚଳ ବିଶୋଇ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ତ୍ରିନାଥ ଗୌଡ଼, ଅଭିମନ୍ୟୁ ପଟ୍ଟନାୟକ ଯୋଗ ଦେଇଥିଲେ। ଧରାକୋଟ ବ୍ଲକ ସଭାପତି ଖଲି ପାତ୍ର ଏଥିରେ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ବାସୁଦେବ ନାଇକ ବାର୍ଷିକ ବିବରଣୀ ପାଠ କରିବା ସହ ଅବସରପ୍ରାପ୍ତ କର୍ମଚାରୀ ଏବଂ ସଂଘର ସମସ୍ୟା ଆଲୋଚନା କରି ଏହାର ସମାଧାନ ପାଇଁ ନିଜର ଗୁରୁତ୍ୱପୂର୍ଣ୍ଣ ମତାମତ ରଖିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ବିଭିନ୍ନ ବ୍ଲକର ଶତାଧିକ ଅବସରପ୍ରାପ୍ତ କର୍ମଚାରୀ ଯୋଗଦେଇ ସଂଘୀୟ ବ୍ୟବସ୍ଥାର ସୁଫଳ ଓ ଅବସରପ୍ରାପ୍ତ ଜୀବନ ଏବଂ ସମସ୍ୟା ଉପରେ ମତାମତ ରଖିଥିଲେ। ଏହି ଅବସରରେ ୧୦ ଦଫା ଦାବି ପୂରଣ ପାଇଁ ସରକାରଙ୍କୁ ଦାବିପତ୍ର ପ୍ରଦାନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ପ୍ରତ୍ୟେକ ପେନସନ ଭୋଗୀଙ୍କୁ ମାସିକ ୧ ହଜାର ଟଙ୍କା ଚିକିତ୍ସା ଭତ୍ତା, ୮୦ ବର୍ଷ ପରିବର୍ତ୍ତେ ୭୦ ବର୍ଷରୁ ଅତିରିକ୍ତ ପେନସନ, ବରିଷ୍ଠ ନାଗରିକଙ୍କୁ ମାଗଣାରେ ଆଇନ ସହାୟତା ଦେବା ବ୍ୟବସ୍ଥା କରିବା ଆଦି ଦାବି ଉପସ୍ଥାପନ କରାଯିବ ବୋଲି ଜଣାପଡ଼ିଛି। ସାଧାରଣ ଅଧିବେଶନରେ ଧରାକୋଟ ବ୍ଲକର ପି. ତ୍ରିନାଥ ପାତ୍ର, କାଳୁ ଚରଣ ତ୍ରିପାଠୀ, ରାମ ଶଙ୍କର ପଟ୍ଟନାୟକ, ଜିଲା ପ୍ରତିନିଧି ନରସିଂହ ସାହୁ, ପୂର୍ଣ୍ଣଚନ୍ଦ୍ର ମହାରଣା ଓ ଧରାକୋଟ ବ୍ଲକର ସମସ୍ତ ଅବସରପ୍ରାପ୍ତ କର୍ମଚାରୀ ସହଯୋଗ କରିଥିଲେ।



ମଞ୍ଚାସୀନ ଅତିଥିବୃନ୍ଦ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. | ବ୍ରହ୍ମପୁର, ମଙ୍ଗଳବାର, ଜାନୁୟାରୀ ୨୧/୨୦୨୦ | Berhampur, Tuesday, January 21/ 2020

## ସଂକ୍ଷେପରେ

### ଟ୍ରକ୍ ଓଲଟି ଜଣେ ଗୁରୁତର

ଚିକିଟି,୨୦।୧(ଡି.ଏନ.ଏ.)– ଗୋଳନ୍ଥରା ଥାନା ବାଦି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ମାଟି ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପାତ୍ରପୁର ଅଞ୍ଚଳର ପୀତାମ୍ବର ସେଠୀ (୩୨)। ଟ୍ରକ ମାଟି ବୋଝେଇ କରି ସୁନୁପର ଅଭିମୁଖେ ଯାଉଥିବା ବେଳେ ବାଦି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା। ସେହି ରାସ୍ତା ଦେଇ ଯାଉଥିବା ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଅଚେତ ଅବସ୍ଥାରେ ପଡିଥିବା ଦେଖି ପୀତାମ୍ବରକୁ ସୋରଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଚଳାଇଛି।

# ଫୁଲବାଣୀରେ ଗର୍ଜିଲେ ନିଖିଳ ଓଡ଼ିଶା ଗାଁ ସାଥୀ

**ଫୁଲବାଣୀ ଅଫିସ, ୨୦।୧**

ଜୀବନ ଜୀବିକାକୁ ନେଇ ସନ୍ଦିହାନ ହୋଇ ପଡିଥିବା ଗାଁ ସାଥୀ (ମେଟ୍)ମାନେ ବିଭିନ୍ନ ଦାବି ନେଇ ସୋମବାର ଫୁଲବାଣୀରେ ଗର୍ଜିଛନ୍ତି। ଗାଁ ସାଥୀମାନେ ମାଦିକୁନ୍ଦା ଛକରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ଗ୍ରାମାଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଗରିବ ଲୋକଙ୍କୁ କାମ ଯୋଗାଇ ଦିଆଯାଉଛି। ଏହି ଯୋଜନାର ସୁପରିଚାଳନା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ୨ ଜଣ ଲେଖାଏଁ ଗାଁ ସାଥୀ ୨୦୦୮ରୁ ନିଯୁକ୍ତି ଦେଇଥିଲେ। ଏହି ଦୁଇଜଣଙ୍କ ମଧ୍ୟରେ ଜଣେ ଯୁବତୀ ଓ ଅନ୍ୟଜଣେ ଯୁବକ। ଯାହାର ଶିକ୍ଷାଗତ ଯୋଗ୍ୟତା ସର୍ବୋଚ୍ଚ ଓ ପରୀକ୍ଷାରେ ସର୍ବାଧିକ ନମ୍ବର ପାଇଥିବେ, ସେମାନଙ୍କୁ ଗାଁ ସାଥୀ। ଅନ୍ୟପକ୍ଷରେ ସରପଞ୍ଚଙ୍କ ଇଚ୍ଛା ମୁତାବକ କାର୍ଯ୍ୟ ନ କଲେ ବହିଷ୍କାର କରାଯାଉଛି। ସେହିପରି କେତେକ ସ୍ଥାନରେ ଗାଁ ସାଥୀଙ୍କୁ ବାଦ୍‌ଦେଇ କାର୍ଯ୍ୟ କରାଯାଉଛି। ଗାଁ ସାଥୀଙ୍କୁ ମାସରେ ସର୍ବନିମ୍ନ ୧୦ଦିନର କାମ ଯୋଗାଇ ଦେବାକୁ ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ ବୋଲି ରାଜ୍ୟ ସଂଯୋଜକ ଅଜୟ କୁମାର ରାୟ, ରାଜ୍ୟ ସହ ସମ୍ପାଦକ ଭିକାରୀ ଚରଣ ବାରିକ, ଜିଲା ଆବାହକ ଜନବାଦୀ ଗୌଡ ପ୍ରକାଶ କରିଛନ୍ତି। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଗାଁ ସାଥୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ, ମାସିକ ୬୦୦୦ ଟଙ୍କା ଭତ୍ତା, ପଲ୍ଲିସଭା ଦ୍ୱାରା ଚୟନ କରାଯାଉଥିବା ଗାଁ ସାଥୀ ବ୍ୟବସ୍ଥାର ପରିବର୍ତ୍ତନ କରି ପୂର୍ବରୁ ପ୍ରଚଳିତ ଥିବା ବିଡିଓଙ୍କ ଦ୍ୱାରା ଚୟନ କରିବା, ବହିଷ୍କୃତଙ୍କୁ ପୁନଃନିଯୁକ୍ତି, ଗାଁ ସାଥୀଙ୍କ ନାମରେ କାର୍ଯ୍ୟାଦେଶ, ସେମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା ଆଦି ସେଥିରେ ଉଲ୍ଲେଖ କରାଯାଇଛି।

### ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ରାଲିରେ ଯାଉଥିବା ଗାଁ ସାଥୀମାନେ।

# ଜମିରୁ ଧାନ କାଟିନେବା ଅଭିଯୋଗ

**ଦିଗପହଣ୍ଡି,୨୦।୧(ଡି.ଏନ୍.ଏ.)**

ଦିଗପହଣ୍ଡି ବ୍ଲକ ନିମଖଣ୍ଡିପେଣ୍ଠ ଗ୍ରାମର କେ.ନରସିଂହ ପାତ୍ରଙ୍କ ଚାଷ ଜମିରୁ କିଛି ବ୍ୟକ୍ତି ଜୋରଜବରଦସ୍ତି ପ୍ରାୟ ୨୦ ହଜାର ଟଙ୍କା ମୂଲ୍ୟର ଧାନ କାଟି ନେଇଥିବା ସୋମବାର ଅଭିଯୋଗ ହୋଇଛି। ନରସିଂହଙ୍କ ଏତଲା କ୍ରମେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ. ୧୩/୨୦ ଅନୁଯାୟୀ ୩ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି। ପ୍ରକାଶ ଯେ, ଚାଷ ଜମିର ମାଲିକାନା ସ୍ୱତ୍ତ୍ୱକୁ କେନ୍ଦ୍ରକରି ଗ୍ରାମର ୨ ପରିବାର ମଧ୍ୟରେ କିଛିବର୍ଷ ହେଲା ବିବାଦ ଲାଗି ରହିଛି। ପ୍ରତିବର୍ଷ ଭଳି ନରସିଂହ ନିଜ ଜମିରେ ଚଳିତବର୍ଷ ମଧ୍ୟ ଚାଷ କରିଥିଲେ। ତାଙ୍କ ଅଜାଣତରେ ଅଭିଯୁକ୍ତମାନେ ଜମିରୁ ଧାନ କାଟି ନେଇଥିବା ଏତଲାରେ ଉଲ୍ଲେଖ ଥିବା ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ବଳଭଦ୍ର ଗଣ୍ଡ କହିଛନ୍ତି।

# ନିଆଁରେ ପୋଡ଼ି ହୋଇ ମହିଳା ଗୁରୁତର

**ପାତ୍ରପୁର,୨୦।୧(ଡି.ଏନ୍.ଏ.)**

ଜରଡ଼ା ଥାନା ବାଦପୁର ଗ୍ରାମରେ ସୋମବାର ରୋଷେଇ ବେଳେ ନିଆଁ ଲାଗି ଜଣେ ମହିଳା ଗୁରୁତର ହୋଇଛନ୍ତି। ସେ ହେଲେ ଆନ୍ଧ୍ରର ସାରିଆପଲ୍ଲୀ ଗ୍ରାମର ଜୟନ୍ତ ପୁରୋହିତଙ୍କ ସ୍ତ୍ରୀ ଗୀତାଞ୍ଜଳି।

ପ୍ରକାଶ ଯେ, ଗୀତାଞ୍ଜଳି ତାଙ୍କ ଭାଇ ସତ୍ୟବ୍ରତଙ୍କ ଝିଅର ଜନ୍ମବାର୍ଷିକ ଉତ୍ସବ ପାଇଁ ଆସିଥିଲେ। ସନ୍ଧ୍ୟାରେ ସେ ଅତିଥିଙ୍କ ପାଇଁ ଚା କରୁଥିବା ବେଳେ ପିନ୍ଧିଥିବା ଶାଢ଼ୀରେ ନିଆଁ ଲାଗିଯାଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ପାତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଛତ୍ରପୁରରେ ପେନସନ୍ ଅଦାଲତ

**ଛତ୍ରପୁର,୨୦।୧(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ସଂସ୍କୃତି ଭବନଠାରେ ସୋମବାର ଗଞ୍ଜାମ ଜିଲାସ୍ତରୀୟ ପେନସନ୍ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ଅଭିଯୋଗ ଓ ପେନସନ୍ ପ୍ରଶାସନର ନିର୍ଦ୍ଦେଶକ ସୁଧାଂଶୁ ଶେଖର ଭୂୟାଁଙ୍କ ଅଧ୍ୟକ୍ଷତାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୪୭ଟି ମାମଲା ସମାଧାନ ପାଇଁ ଗ୍ରହଣ କରାଯାଇଥିଲା। ମାସକ ମଧ୍ୟରେ ଏ ଗୁଡିକର ଫଇସଲା କରି ସମ୍ପୃକ୍ତ କର୍ମଚାରୀଙ୍କୁ ପେନସନ୍ ମଞ୍ଜୁର କରାଯିବ। ଜିଲାର ବିଭିନ୍ନ ବିଭାଗରୁ ୧୧୧ ଜଣ ଅଧିକାରୀ ଓ କର୍ମଚାରୀ ଏହି ପେନସନ୍ ଅଦାଲତରେ ଯୋଗ ଦେଇଥିଲେ। ଶିକ୍ଷା ବିଭାଗର ସର୍ବାଧିକ କର୍ମଚାରୀଙ୍କ ପେନସନ୍ ମାମଲା ଆଗତ କରାଯାଇଥିଲା। ଜିଲାସ୍ତରରେ ପେନସନ୍ ମାମଲା ସମ୍ପୂର୍ଣ୍ଣ ଶୂନ୍ୟସ୍ତରକୁ ଆଣିବା ପାଇଁ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଡେପୁଟି କଲେକ୍ଟର ସ୍ନିଗ୍ଧାରାଣୀ ଧଳ, ଆକାଉଣ୍ଟ ଜେନେରାଲଙ୍କ କାର୍ଯ୍ୟାଳୟର ସିନିୟର ଆକାଉଣ୍ଟସ୍ ଅଫିସର ମନୋରଞ୍ଜନ ପାଣିଗ୍ରାହୀ, ଅଡିଟ୍ ଅଫିସର ସୁଶୀଲ କୁମାର ମିଶ୍ର, କଣ୍ଟ୍ରୋଲ ଅଫ୍ ଆକାଉଣ୍ଟସର ଆସିଷ୍ଟାଣ୍ଟ କଣ୍ଟ୍ରୋଲର ପୁଷ୍ପାଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




# ମହିଳାଙ୍କୁ ଆକ୍ରମଣ ଅଭିଯୋଗ, ଦମ୍ପତି ଫେରାର

**ଦିଗପହଣ୍ଡି,୨୦।୧(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ସିଦ୍ଧଖଣ୍ଡି ଗ୍ରାମର ଜଣେ ମହିଳାଙ୍କୁ ଅସଦାଚରଣ ସହ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ମହିଳାଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ପୋଲିସ ନଂ. ୧୨/୨୦ରେ ମାମଲା ରୁଜୁ କରିଛି। ଗିରଫ ଭୟରେ ଦମ୍ପତି ଗ୍ରାମରୁ ଫେରାର ହୋଇଯାଇଛନ୍ତି। ଆହତ ମହିଳା ଜଣକ ଦମ୍ପତିଙ୍କ ଜମିକୁ ଧାନ କାଟିବାକୁ ଯାଇଥିଲେ। ମଜୁରି ଟଙ୍କା ମାଗିବାରୁ ସେମାନେ ତାଙ୍କୁ ଆକ୍ରମଣ କରିବା ସହ ଅସଦାଚରଣ କରିଥିବା ଏତଲାରେ ଉଲ୍ଲେଖ ରହିଛି।

# ଜଗନ୍ନାଥପୁର ଷ୍ଟେଶନରେ ମିଳୁନି ଲୋଡିଂ କାମ

**ଛତ୍ରପୁର,୨୦।୧(ଡି.ଏନ.ଏ.)**

ଜଗନ୍ନାଥପୁର ଷ୍ଟେଶନରେ ମାଲ ଲୋଡିଂ ଓ ଅନଲୋଡିଂ କାମରେ ୫୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ଉପେକ୍ଷା କରାଯାଉଥିବା ଅଭିଯୋଗ ହୋଇଛି। ଏକ ନିର୍ଦ୍ଦିଷ୍ଟ ୟୁନିୟନର ଶ୍ରମିକମାନଙ୍କୁ କାମ ମିଳୁଥିବା ବେଳେ ଗଞ୍ଜାମ ଜିଲା ମାଲ୍ ଗୋଦାମ ଶ୍ରମିକ ୟୁନିୟନର ଶ୍ରମିକମାନେ ଏଥିରୁ ବଞ୍ଚିତ ହେଉଛନ୍ତି। ଏହା ପ୍ରତିବାଦରେ ଶ୍ରମିକ ୟୁନିୟନ ମାଲ ଗୋଦାମ ଓ ଗାଡି ବନ୍ଦ କରି ଆନ୍ଦୋଳନ କରିବାକୁ ଥିବା ବେଳେ ପୋଲିସ୍ ଅନୁମତି ଦେଇ ନ ଥିଲା। ତେଣୁ ୟୁନିୟନ ପକ୍ଷରୁ ଡିଆଇଜିଙ୍କ ନିକଟକୁ ଅନୁମତି ପାଇଁ ପତ୍ର ପଠାଯାଇଥିଲା। ଏହାପରେ ଜିଆର୍‌ପି ଓ ପୋଲିସ ପକ୍ଷରୁ ସୋମବାର ଉପଜିଲାପାଳଙ୍କ ନିକଟରେ ଆଲୋଚନା ବୈଠକ ହେବ ବୋଲି କୁହାଯାଇଥିଲା। ଏହି ପରିପ୍ରେକ୍ଷୀରେ ଆଲୋଚନା ବୈଠକ ପାଇଁ ୟୁନିୟନର କର୍ମକର୍ତ୍ତା ଓ ଶ୍ରମିକମାନେ ସୋମବାର ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଆସନ୍ତା ୨୮ ତାରିଖରେ ଆଲୋଚନା ବୈଠକ ବସିବ ବୋଲି ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି କହିଛନ୍ତି। ୟୁନିୟନ ସଭାପତିଙ୍କ ସମେତ ଉପସଭାପତି ପି. ତୁଳସେୟା ରେଡ୍ଡୀ ଓ ସୁବାସ ଚନ୍ଦ୍ର ବେହେରା, ସମ୍ପାଦକ ସୂର୍ଯ୍ୟ ନାରାୟଣ ସେଠୀ, ଯୁଗ୍ମ ସମ୍ପାଦକ ସୂର୍ଯ୍ୟ ନାରାୟଣ ଦାସ, ସୁଦର୍ଶନ ଦାସ, ଶିବରାମ ଦାସ, ଶ୍ରୀନିବାସ ସେଠୀ ପ୍ରମୁଖ ଉପଜିଲାପାଳଙ୍କୁ ଭେଟିଥିଲେ।

- ଉପଜିଲାପାଳଙ୍କୁ ଭେଟିଲେ ଶ୍ରମିକ
- ୨୮ରେ ଆଲୋଚନା ବୈଠକ


ଉପଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଶ୍ରମିକମାନେ।

# ୨୨ରେ ସୁରଟରେ ଓଡ଼ିଶା ମହୋତ୍ସବ

**ଛତ୍ରପୁର,(ଡି.ଏନ୍.ଏ.)/ବ୍ରହ୍ମପୁର ଅଫିସ,୨୦।୧**

ଗୁଜରାଟ ରାଜ୍ୟ ସୁରଟର ଆମରୋଲିରେ ୨୨ ତାରିଖରେ ଓଡିଶା ମହୋତ୍ସବ ଅନୁଷ୍ଠିତ ହେବା ଏହାକୁ ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିବେ। ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେବାକୁ ଥିବାବେଳେ ସ୍ୱତନ୍ତ୍ର ଅତିଥି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ସମ୍ମାନିତ ଅତିଥି ଭାବେ କମିଶନର ବାଞ୍ଛାନିଧି ପାଣି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଯାଜପୁର ବିଧାୟକ, ଛତ୍ରପୁର ବିଧାୟକ, ସୋରଡା ବିଧାୟକ, ଚିକିଟି ବିଧାୟିକା, ପୋଲସରା ବିଧାୟକ, ବ୍ରହ୍ମପୁର ବିଧାୟକ, ଆସିକା, ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାୟିକା, ଓଡିଶା ମହୋତ୍ସବ କମିଟି ସଭାପତି ବିଜୟ କୁମାର କହଁର, ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ। ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୁରଟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ପ୍ରବାସୀ ଓଡ଼ିଆ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗତ ବର୍ଷଠାରୁ ସୁରଟରେ ଓଡିଶା ମହୋତ୍ସବ ଆୟୋଜନ ହୋଇଆସୁଛି।

### ଛତ୍ରପୁର ବିଧାୟକ ସମ୍ବର୍ଦ୍ଧିତ


ବିଧାୟକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ